ସଂଗ୍ରାମୀ

ସରଳା ଦେବୀ



ରାଜ୍ୟ ଜନଶିକ୍ଷା ସାଧନ କେନ୍ଦ୍ର
ଓଡ଼ିଶା, ଭୁବନେଶ୍ୱର

Digitized by srujanika@gmail.com

ସଂଗ୍ରାମୀ

ସରଳା ଦେବୀ

ରାଜ୍ୟ ଜନଶିକ୍ଷା ସାଧନ କେନ୍ଦ୍ର, ଓଡ଼ିଶା

ଭୁବନେଶ୍ୱର

Digitized by srujanika@gmail.com

ସଂଗ୍ରାମୀ ସରଳା ଦେବୀ

ଲେଖକ : ଶ୍ରୀମତୀ ଅନ୍ନପୂର୍ଣ୍ଣା ମହାରଣା

ପ୍ରଥମ ପ୍ରକାଶ : ୧୯୯୮

ପ୍ରକାଶକ : ଡକ୍ଟର ବିମଳେନ୍ଦୁ ମହାନ୍ତି
ନିର୍ଦ୍ଦେଶକ,
ରାଜ୍ୟ ଜନଶିକ୍ଷା ସାଧନ କେନ୍ଦ୍ର, ଓଡ଼ିଶା
ଜନଶିକ୍ଷା ଭବନ, ୟୁନିଟ୍-୫, ଭୁବନେଶ୍ୱର-୭୫୧୦୦୧

ପ୍ରକାଶନ ସଂଖ୍ୟା ଏସ୍. ଆର୍. ସି.-୨୬୨-୬୩/୯୮

ମୁଦ୍ରଣ ସଂଖ୍ୟା ୨,୦୦୦

ମୁଦ୍ରଣ ନିସ୍ୱାସ, ୩, ଚନ୍ଦ୍ରଶେଖରପୁର, ଭୁବନେଶ୍ୱର - ୭୫୧୦୧୬

ମୂଲ୍ୟ ତିନି ଟଙ୍କା ପଚାଶ ପଇସା ମାତ୍ର

SANGRAMI SARALA DEVI

Author **Smt. Annapurna Maharana**

1st Edition 1998

Published by : Dr. Bimalendu Mohanty
Director
State Resource Centre for Adult Education, Orissa
Janasiksha Bhawan, Unit- V, Bhubaneswar - 751001

Publication No. : SRC -262-63/98

No of copies printed 2,000

Printed at NISWASS, 3, Chandrasekharpur, Bhubaneswar - 751016

Price Rupees Three paise Fifty only

Digitized by srujanika@gmail.com

ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ
ମୁଖ୍ୟମନ୍ତ୍ରୀ, ଓଡ଼ିଶା

ବାର୍ତ୍ତା

ଓଡ଼ିଶା ରାଜ୍ୟ ଜନଶିକ୍ଷା ସାଧନ କେନ୍ଦ୍ର ନବସାକ୍ଷରମାନଙ୍କ ପାଇଁ ସାକ୍ଷରତା ପରବର୍ତ୍ତୀ ଓ ନିରନ୍ତର ଶିକ୍ଷାଲାଗି ପୁସ୍ତକ ପ୍ରଣୟନ ଓ ପ୍ରକାଶନ କାର୍ଯ୍ୟକ୍ରମ ଗ୍ରହଣ କରିଥିବା ଆନନ୍ଦର କଥା । ନବସାକ୍ଷରମାନଙ୍କ ମଧ୍ୟରେ ପଠନ୍ ଅଭ୍ୟାସ ଅତୁଟ ରଖିବାପାଇଁ ଏଭଳି ପୁସ୍ତକ ଏକାନ୍ତ ଆବଶ୍ୟକ ।

ନବସାକ୍ଷରମାନଙ୍କ ପାଇଁ ଉଦ୍ଦିଷ୍ଟ ପୁସ୍ତକଗୁଡ଼ିକର ବିଷୟ, ଭାଷା ଓ ଶୈଳୀ ସାଧାରଣ ପୁସ୍ତକଠାରୁ ଭିନ୍ନ । ରାଜ୍ୟ ଜନଶିକ୍ଷା ସାଧନ କେନ୍ଦ୍ର ଏହି ଆଭିମୁଖ୍ୟକୁ ଆଖି ଆଗରେ ରଖି **'ସଂଗ୍ରାମୀ ସରଳା ଦେବୀ'** ପୁସ୍ତକଟି ପ୍ରସ୍ତୁତ କରିଛନ୍ତି ।

ବର୍ତ୍ତମାନ ଆମ ରାଜ୍ୟରେ ସାକ୍ଷରତା ଅଭିଯାନ ଦ୍ରୁତ ଗତିରେ ଆଗେଇ ଚାଲିଛି । ସଂପୃକ୍ତ ଜିଲ୍ଲା ସାକ୍ଷରତା ସମିତି ରାଜ୍ୟ ଜନଶିକ୍ଷା ସାଧନ କେନ୍ଦ୍ରଦ୍ୱାରା ପ୍ରକାଶିତ ଏହି ପୁସ୍ତକଟିକୁ ନେଇ ନବସାକ୍ଷରମାନଙ୍କୁ ଯୋଗାଇ ଦେବେ ବୋଲି ମୁଁ ଆଶା କରୁଛି ।

ସାଧାରଣ ଛାତ୍ର ଓ ପାଠକମାନେ ମଧ୍ୟ ଏ ବହି ପଢ଼ି ଉପକୃତ ହେବେ ବୋଲି ମୋର ଦୃଢ଼ ବିଶ୍ୱାସ ।

ଏଭଳି ଉପାଦେୟ ପୁସ୍ତକ ପ୍ରକାଶ କରିଥିବାହେତୁ ମୁଁ ସଂପୃକ୍ତ ଲେଖକ ଓ ରାଜ୍ୟ ଜନଶିକ୍ଷା ସାଧନ କେନ୍ଦ୍ରର କର୍ମକର୍ତ୍ତାମାନଙ୍କୁ ସାଧୁବାଦ ଜଣାଉଛି ।

(ଜାନକୀ ବଲ୍ଲଭ ପଟ୍ଟନାୟକ)

Digitized by srujanika@gmail.com

ଶ୍ରୀ ଜୟଦେବ ଜେନା
ରାଜ୍ୟମନ୍ତ୍ରୀ, ବିଦ୍ୟାଳୟ ଓ
ଗଣଶିକ୍ଷା ବିଭାଗ, ଓଡ଼ିଶା

ବାର୍ତ୍ତା

ରାଜ୍ୟ ଜନଶିକ୍ଷା ସାଧନ କେନ୍ଦ୍ର ତରଫରୁ ନବସାକ୍ଷର ଓ ନିରନ୍ତର ଶିକ୍ଷା କାର୍ଯ୍ୟକ୍ରମ ପାଇଁ ପଠନ ସାମଗ୍ରୀ ପ୍ରସ୍ତୁତି ଯୋଜନାରେ **'ସଂଗ୍ରାମୀ ସରଳା ଦେବୀ'** ଶୀର୍ଷକ ପୁସ୍ତକଟି ପ୍ରକାଶ ପାଇଥିବା ଜାଣି ଅତ୍ୟନ୍ତ ଆନନ୍ଦିତ ହେଲି ।

ନୂତନଭାବେ ସାକ୍ଷରତାଲାଭ କରିଥିବା ବ୍ୟକ୍ତିମାନଙ୍କ ମଧ୍ୟରେ ଜୀବନବ୍ୟାପୀ ପଠନ ଅଭ୍ୟାସ ବଜାୟ ରଖିବାପାଇଁ ଏହି ପୁସ୍ତକ ଆଗ୍ରହ ସୃଷ୍ଟି କରିବ ବୋଲି ବିଶ୍ୱାସ । ପ୍ରସ୍ତୁତ ପୁସ୍ତକଟି ସୁଖପାଠ୍ୟ ଓ ଉପାଦେୟ ହୋଇଛି ।

ସଂପୃକ୍ତ ଜିଲ୍ଲା ସାକ୍ଷରତା ସମିତି ଏହି ପୁସ୍ତକଟିକୁ ନବସାକ୍ଷରମାନଙ୍କୁ ଯୋଗାଇ ଦେବେ ବୋଲି ମୁଁ ଆଶା କରୁଛି ।

ଏତଦ୍‌ବ୍ୟତୀତ ସାଧାରଣ ଛାତ୍ର ଓ ପାଠକମାନଙ୍କ ପାଇଁ ଏହି ପୁସ୍ତକଟି ବିଶେଷ ଉପଯୋଗୀ ହେବ ବୋଲି ମୋର ଦୃଢ଼ ବିଶ୍ୱାସ ।

ଏଭଳି ପୁସ୍ତକ ପ୍ରକାଶନ ଉଦ୍ୟମ ନିମନ୍ତେ ମୁଁ ସଂପୃକ୍ତ ଲେଖକ ଓ ରାଜ୍ୟ ଜନଶିକ୍ଷା ସାଧନ କେନ୍ଦ୍ରର କର୍ମକର୍ତ୍ତାମାନଙ୍କୁ ଧନ୍ୟବାଦ ଜଣାଉଛି ।

(ଜୟଦେବ ଜେନା)

Digitized by srujanika@gmail.com

ଆମ ଦେଶ ଇଂରେଜ ଶାସନାଧୀନ ଥିଲାବେଳେ ଇଂଲଣ୍ଡରେ ନାରୀ ଜାଗରଣ ଦେଖା ଦେଇଥିଲା । ପୁରୁଷମାନଙ୍କ ଭଳି ଭୋଟାଧିକାର ଏବଂ ସାମାଜିକ ଓ ରାଜନୈତିକ କ୍ଷେତ୍ରରେ ସମାନ ଅଧିକାର ଦାବି କରି ଇଂରେଜ ମହିଳାମାନେ ଆନ୍ଦୋଳନ ଚଳାଇଥିଲେ । ତା'ର ପ୍ରଭାବ ଭାରତୀୟ ମହିଳାମାନଙ୍କ ଉପରେ ମଧ୍ୟ ପଡ଼ିଥିଲା । ବିଶେଷ କରି ବିଂଶ ଶତାବ୍ଦୀର ପ୍ରଥମ ଭାଗରେ ନାରୀ ଶିକ୍ଷାର ପ୍ରସାର ଘଟିଥିଲା । ଏହି ଶିକ୍ଷିତା ମହିଳାମାନେ ଗାନ୍ଧିଜୀଙ୍କ ଆହ୍ୱାନରେ ସ୍ୱାଧୀନତା ଆନ୍ଦୋଳନରେ ଝାସ ଦେଇଥିଲେ । ଏମାନଙ୍କ ମଧ୍ୟରେ ସରୋଜିନୀ ନାଇଡୁ, କମଳାଦେବୀ ଚଟ୍ଟୋପାଧ୍ୟାୟ, ଅରୁଣା ଆସଫ୍ ଅଲ୍ଲୀ, ସୁଚେତା କ୍ରିପାଲାନୀ ଓ କମଳା ନେହେରୁ ପ୍ରମୁଖ ବେଶ୍ ଜଣାଶୁଣା ଥିଲେ । ସେମାନେ ଦେଶର ସ୍ୱାଧୀନତା ଆନ୍ଦୋଳନର ନେତୃତ୍ୱ ନେଇ ପୋଲିସ ଅତ୍ୟାଚାରର ଶିକାର ହୋଇଥିଲେ । ଜେଲ୍ ବରଣ କରିଥିଲେ ।

ସେମାନଙ୍କ ପ୍ରଭାବ ମଧ୍ୟ ଓଡ଼ିଶାର ନାରୀମାନଙ୍କ ଉପରେ ପଡ଼ିଥିଲା । ଗାନ୍ଧିଜୀଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ରମାଦେବୀ, ମାଳତୀ ଚୌଧୁରୀ, ଗୋଦାବରୀ ଦେବୀ ସମସ୍ତଙ୍କ ସହ ବହୁ ଓଡ଼ିଆ

Digitized by srujanika@gmail.com

ନାରୀ ସ୍ୱାଧୀନତା ଆନ୍ଦୋଳନର ନେତୃତ୍ୱ ନେଇଥିଲେ । ସେମାନଙ୍କ ମଧ୍ୟରେ ସରଳା ଦେବୀ ଥିଲେ ଅଗ୍ରଗଣ୍ୟ ।

ପିଲାଦିନ

ସରଳା ଦେବୀ ଜନ୍ମ ଗ୍ରହଣ କରିଥିଲେ ୧୯୦୪ ମସିହାରେ । ତାଙ୍କ ବାପାଙ୍କ ନାମ ଶ୍ରୀ ବାସୁଦେବ କାନୁନ୍‌ଗୋ ଓ ମାଆଙ୍କ ନାମ ପଦ୍ମାବତୀ ଦେବୀ । ତାଙ୍କର ଘର ହେଉଛି ଜଗତସିଂହପୁର ଜିଲ୍ଲାର ବାଲିକୁଦା ଥାନା ଅନ୍ତର୍ଗତ ଅରିଲୋ ଗାଁରେ । ତାଙ୍କ ମାଆଙ୍କର ଅନେକଗୁଡ଼ିଏ ସଦ୍ୟଜାତ ସନ୍ତାନ ମରି ଯାଇଥିଲେ । ତେଣୁ ସରଳା ଦେବୀ ଗର୍ଭରେ ଥିବାବେଳେ ତାଙ୍କ ମାଆ ପୁରୁଖା ଲୋକଙ୍କର ଉପଦେଶ ମାନି ପର ଘରେ ଆସି ରହିଲେ । ସେଇଟା ଥିଲା ତାଙ୍କ ସାନ ଯାଆଙ୍କ ବାପ ଘର । ସ୍ଥାନ ବଦଳାଇଲେ କାଳେ ଗର୍ଭସ୍ଥ ପିଲାଟି ବଞ୍ଚି ରହିବ ଏଇ ଆଶା ଥିଲା । ସେଇଟା କଟକ ସହରର ବାଙ୍କା ବଜାରର ରାଜକିଶୋର ଦାସଙ୍କ ଘର । ୧୯୦୪ ମସିହା ଅଗଷ୍ଟ ମାସ ଉଣେଇଶ ତାରିଖରେ ଝିଅଟିଏ ଭୂମିଷ୍ଠ ହେଲା ସଙ୍ଗେ ସଙ୍ଗେ ପଦ୍ମାବତୀ ଦେଇ ସାନଯାଆ ହେମନ୍ତ କୁମାରୀଙ୍କ ହାତକୁ ତା'କୁ ଟେକି ଦେଇଥିଲେ । ଫଳରେ ସେହିଦିନଠାରୁ ସରଳା ହେଲେ ହେମନ୍ତ କୁମାରୀ ଓ ବାଳମୁକୁନ୍ଦ କାନୁନ୍‌ଗୋଙ୍କ ଝିଅ ।

ହେମନ୍ତ କୁମାରୀ ସେ ଯୁଗକୁ ଚାହିଁ ଶିକ୍ଷିତା ବୋଲାଉଥିଲେ । ସେ ଥିଲେ ଗଡ଼ଜାତମାନଙ୍କର ସୁପରିନ୍‌ଟେଣ୍ଡେଣ୍ଟ ସ୍ୱନାମଧନ୍ୟ ନନ୍ଦକିଶୋର ଦାସଙ୍କ ଝିଅ । ସେ ଯୁଗରେ ସେ ଭର୍ଣ୍ଣାକୁଲାର ପରୀକ୍ଷାରେ ଉତ୍ତୀର୍ଣ୍ଣ

Digitized by srujanika@gmail.com

ହୋଇଥିଲେ । ତାଙ୍କ ଅମଳରେ ଓଡ଼ିଶା, ବଙ୍ଗଳା ଓ ବିହାର ଗୋଟିଏ ପ୍ରଦେଶ ଥିଲା । ତାଙ୍କ ସ୍ୱାମୀ ଡେପୁଟି ମାଜିଷ୍ଟ୍ରେଟ୍ ଚାକିରି କରିଥିବାରୁ ଏ ତିନୋଟିଯାକ ପ୍ରଦେଶ ତାଙ୍କର କର୍ମସ୍ଥଳ ଥିଲା । ହେମନ୍ତ କୁମାରୀ ଏ ତିନି ପ୍ରଦେଶରେ ରହିବାର ସୁଯୋଗ ପାଇବା ଫଳରେ ତାଙ୍କର ଦୃଷ୍ଟିଭଙ୍ଗୀ ଉନ୍ନତ ହୋଇ ଯାଇଥିଲା । ସେଥିପାଇଁ ସେ ସରଳାଙ୍କୁ ମାର୍ଜିତ ଓ ଶିକ୍ଷିତ କରିବା ପାଇଁ ସବୁ ମତେ ଚେଷ୍ଟା କରୁଥିଲେ । ସରଳା ଭର୍ଣ୍ଣାକୁଲାର ପରୀକ୍ଷାରେ ଉତ୍ତୀର୍ଣ୍ଣ ହେବା ପରେ ପୁରୁଷ ମୁରବିମାନେ ତାଙ୍କୁ ସ୍କୁଲ ପଠାଇବା ବନ୍ଦ କରିଦେଲେ । ମାତ୍ର ହେମନ୍ତ କୁମାରୀ ଖ୍ରୀଷ୍ଟିୟାନ ଶିକ୍ଷୟିତ୍ରୀ ନିଯୁକ୍ତ କରି ତାଙ୍କର ବଙ୍ଗଳା ଓ ଇଂରାଜୀ ପଢ଼ିବା ବ୍ୟବସ୍ଥା କରିଦେଲେ । ସରଳା ଦେବୀ ତୀକ୍ଷ୍ଣ ଧୀସଂପନ୍ନା ହୋଇଥିବାରୁ ''ଧଅ କହିଲେ କାମୁଡ଼ି ପକାଇବା'' ନୀତିରେ ସ୍ୱଚେଷ୍ଟାରେ ପାଠରେ ବହୁତ ଆଗକୁ ମାଡ଼ିଗଲେ ।

ଅନ୍ୟମାନଙ୍କଠାରୁ ଅଲଗା

ସରଳାଦେବୀ ପିଲାଟି ବେଳୁ ସମାଜରେ ପ୍ରଚଳିତ କୁପ୍ରଥା ବିରୁଦ୍ଧରେ ସଂଗ୍ରାମ କରିଥିଲେ । ତେଣୁ ତାଙ୍କ ମା' ଖୁଡ଼ୀମାନେ ତାଙ୍କ ପିଲାଦିନର ଢଙ୍ଗକୁ ସୁନଜରରେ ଦେଖୁ ନ ଥିଲେ । ସରଳା ଦେବୀଙ୍କର ଲୁଗା, ଜାମା, ଚଟି ପିନ୍ଧା ଓ ପାଠ ପଢ଼ାକୁ ସେମାନେ ପସନ୍ଦ କରିପାରୁ ନ ଥିଲେ । କହୁଥିଲେ, ସେ ଖ୍ରୀଷ୍ଟାନୀ ଓ ବଙ୍ଗାଳୁଣୀ ଢଙ୍ଗରେ ଚଳୁଛି । ସେ ପିଲାବେଳୁ ମୁଣ୍ଡରେ ଲୁଗା ଦେଉ ନ ଥିଲେ । ଡାହାଣ କଡ଼ରେ ଲୁଗା ପିନ୍ଧୁ ଥିଲେ । ସେ ପୁଅ ପିଲାଙ୍କ ସହ ମିଶି ପାଠ ପଢୁଥିଲେ । ଘରେ ତାଙ୍କୁ ଶିକ୍ଷକ ଟିଉସନ୍ କରୁଥିଲେ । ତେଣୁ ସେ ସମୟର ଲୋକେ କହୁଥିଲେ ସେ ନୂଆ ଢ଼ଙ୍ଗରେ ଚଳୁଛନ୍ତି ।

Digitized by srujanika@gmail.com

ପିଲାଟିବେଳୁ ଛୁଆଁ ଅଛୁଆଁ ପ୍ରଥାକୁ ସେ ପସନ୍ଦ କରୁ ନ ଥିଲେ । ସେ ସମୟରେ ପଠାଣ, ଧୋବା, କେଉଟ, ବାଉରି ଓ ଅନ୍ୟାନ୍ୟ ନୀଚ ଜାତିର ଲୋକଙ୍କୁ ଛୁଇଁ ଦେଲେ ଲୋକେ ଲୁଗା ଧୋଇ ଗାଧୋଉଥିଲେ । ସରଳା କିନ୍ତୁ ଏସବୁ ମାନୁ ନ ଥିଲେ । ସେ ସମୟର ରୀତି ନୀତି ସରଳାଙ୍କୁ ଭଲ ଲାଗୁ ନଥିଲା । ନାରୀମାନଙ୍କୁ କରାଯାଉଥିବା ଉପେକ୍ଷା ଏବଂ ଅବହେଳା ତାଙ୍କୁ ବହୁତ ବାଧୁ ଥିଲା । ପୁରୁଷମାନେ ଭୋଗ କରୁଥିବା ସୁବିଧା ସୁଯୋଗକୁ ସେ ଈର୍ଷା କରୁଥିଲେ । ନାରୀର ଅସହାୟ ଅବସ୍ଥାକୁ ସେ ଖୁବ୍ କମ୍ ବୟସରୁ ବୁଝିପାରିଥିଲେ । ତା'ର ପ୍ରତିକାର ପାଇଁ ସେ

Digitized by srujanika@gmail.com

ପିଲାଟି ବେଳୁ ଚିନ୍ତିତ ଥିଲେ । ଦିଅଁ, ଦେବତା, ପୂଜା, ପାଠ, ଧର୍ମଶାସ୍ତ୍ର ଓ ଉପବାସ ସେ କରୁଥିଲେ । କିନ୍ତୁ ଯେତେବେଳେ ପୁରାଣ ଶାସ୍ତ୍ରରେ "ନାରୀ ନରକର ଦ୍ୱାର" ବୋଲି ଲେଖାଥିବା ଜାଣିଲେ; ସେହି ସମୟରୁ ସେ ଏହାକୁ ଘୃଣା କଲେ ।

ଘରୋଇ ଶିକ୍ଷକଙ୍କ ଦ୍ୱାରା ସେ ଷଷ୍ଠ ଶ୍ରେଣୀ ଯାଏ ପାଠ ପଢ଼ିଥିଲେ । ତଥାପି ଅନ୍ୟାନ୍ୟ ଭାଷା ଜାଣିବା ପାଇଁ ତାଙ୍କର ପ୍ରବଳ ଇଚ୍ଛା ଥିଲା । ବଙ୍ଗଳା ସାହିତ୍ୟକୁ ସେ ବହୁତ ଭଲ ପାଉଥିଲେ । ଖୁବ୍ କମ୍ ଦିନରେ ମଧ୍ୟ ସେ ବହୁ ବହି ଓ ପତ୍ର ପତ୍ରିକା ପଢ଼ି ଶେଷ କରିଥିଲେ । ନାରୀ କବି କୁନ୍ତଳା କୁମାରୀଙ୍କ ଲିଖିତ ଉପନ୍ୟାସ, କବିତା ଓ ବକ୍ତୃତା ସରଳା ଦେବୀଙ୍କୁ ବେଶି ପ୍ରଭାବିତ କରିଥିଲା । ତାଙ୍କ ମନରେ ଥିବା ରାଜନୈତିକ ଚେ଼ତନା ଜାଗି ଉଠିଥିଲା । ନାରୀମାନଙ୍କ ମଧ୍ୟରେ ଯୁଗ ଯୁଗ ବ୍ୟାପୀ ଥିବା ଅଜ୍ଞାନତା ଓ କୁସଂସ୍କାର ଦୂର କରିବା ପାଇଁ ସେ ମନେ ମନେ ସଂକଳ୍ପ କରିଥିଲେ । ସମାଜ ସଂସ୍କାର ଓ କୁସଂସ୍କାର ଦୂର ନ କଲେ, ଦେଶର ଉନ୍ନତି ସମ୍ଭବ ନୁହେଁ ବୋଲି ସେ ବୁଝି ପାରିଥିଲେ । ରବୀନ୍ଦ୍ରନାଥଙ୍କର ଅମୀୟ ବାଣୀ "ନ ଜାଗିଲେ ସବୁ ଭାରତ ଲଳନା, ଏ ଭାରତ ଆଉ଼ ଜାଗେନା ଜାଗେନା" ତାଙ୍କ ହୃଦୟରେ ପ୍ରତିଧ୍ୱନିତ ହୋଇଥିଲା ।

ବିବାହ

ବୟଃ ପ୍ରାପ୍ତ ହେଲାରୁ ଜଗତସିଂହପୁର ଅନ୍ତର୍ଗତ ଚାଟରା ଗ୍ରାମର ଭାଗୀରଥି ମହାପାତ୍ରଙ୍କ ସହିତ ତାଙ୍କର ବିବାହ ସଂପାଦିତ ହେଲା । ଅଭିଜାତ ପରିବାରରେ ସରଳାଦେବୀ ଜନ୍ମ ହୋଇ ଜମିଦାର ପରିବାରକୁ

Digitized by srujanika@gmail.com

ବୋହୂ ହୋଇ ଆସିଲେ ସୁଦ୍ଧା ତାଙ୍କ ମନରେ ଗର୍ବ ନ ଥିଲା । ଭାଗୀରଥି ମହାପାତ୍ର ଜଣେ ସ୍ୱାଧୀନଚେତା ବ୍ୟକ୍ତି ଥିଲେ । ମଣିକାଞ୍ଚନ ପରି ଏ ଦୁହିଁଙ୍କର ସଂଯୋଗ ଘଟିଲା । ସେ ସ୍ତ୍ରୀଙ୍କ ବିକାଶରେ ବାଧକ ନ ହୋଇ ସାଧକ ହୋଇଥିଲେ । ଏକ ପକ୍ଷରେ ଦୃଢ଼ ଆତ୍ମ ବିଶ୍ୱାସ ଓ ସାହସ ଏବଂ ଅପରପକ୍ଷରେ ଉଦାର ସ୍ୱାମୀଙ୍କର ମହାନତା ଓ ପୂର୍ଣ୍ଣ ସହଯୋଗ ତାଙ୍କୁ ନୂତନ ପ୍ରେରଣା ଯୋଗାଇଲା । ବୀରା ରାଣୀ ଶୁକ ଦେଈଙ୍କ ପରି ସେ ବି ଚାହିଁଲେ ଦେଶ ପାଇଁ କିଛି କରିବା ଲାଗି । ଇଚ୍ଛା କରିଥିଲେ ସେ ଅନ୍ୟମାନଙ୍କ ପରି ସାଂସାରିକ ଭୋଗ ବିଳାସରେ ନିଜ ବିବାହିତ ଜୀବନ କଟାଇ ପାରିଥାନ୍ତେ । କିନ୍ତୁ ପରଦା ପ୍ରଥା ମାନି ଘର ଭିତରେ ଭୋଗ ବିଳାସରେ ନିଜକୁ ହଜାଇ ଦେବାରେ ତାଙ୍କ ମନ ମାନି ନ ଥିଲା । ପ୍ରତିଦିନ ଘର କାମ ସାଙ୍ଗକୁ ଖବରକାଗଜମାନ ପଢ଼ିବା ଥିଲା ତାଙ୍କର ଏକ ନିୟମିତ ଅଭ୍ୟାସ ।

ସେତେବେଳେ ଗରିବ ଝିଅବୋହୂମାନେ ବିଭିନ୍ନ ସାମାଜିକ ବିଧିବିଧାନ ମାନି ମାନସିକ ଓ ଶାରୀରିକ କ୍ଳେଶ ଭୋଗ କରୁଥିଲେ । ସେ ସମୟରେ ଅଳ୍ପ ବୟସର ବିଧବା ବୋହୂମାନଙ୍କର ଦୁଃଖ ଦୁର୍ଦ୍ଦଶା ଦେଖି ଏହିସବୁ କୁପ୍ରଥାର ଉଚ୍ଛେଦ ପାଇଁ ତାଙ୍କ ମନ ବିଦ୍ରୋହୀ ହୋଇ ଉଠିଲା । ଏହା ସହିତ ଭାରତ ଓ ଉତ୍କଳ ଜନନୀଙ୍କର ଦୟନୀୟ ଅବସ୍ଥା ସହିତ ଇଂରେଜମାନଙ୍କର ଶୋଷଣ ଓ ଅତ୍ୟାଚାର ତାଙ୍କ ମନକୁ ଆହତ କରିଥିଲା । ଖବର କାଗଜରୁ ଜନ ଜାଗରଣ ବିଷୟ ପଢ଼ି ତାଙ୍କ ମନ ଚଳଚଞ୍ଚଳ ହୋଇ ଉଠୁଥିଲା । ସେ ଅଳ୍ପ ପାଠ ପଢ଼ିଥିଲେ ମଧ୍ୟ ଶିକ୍ଷା ପ୍ରତି ତାଙ୍କର ଆଗ୍ରହ ତାଙ୍କୁ ଦେଶର ସାମାଜିକ ଓ ରାଜନୈତିକ ଅବସ୍ଥା

Digitized by srujanika@gmail.com

ସଂପର୍କରେ ସଚେତନ କରି ଦେଇଥିଲା । ନିଷ୍ଠୁର ଇଂରେଜ ଶାସନ ବିରୁଦ୍ଧରେ ସେ ବିଦ୍ରୋହିଣୀ ହୋଇ ଉଠିଥିଲେ । ମାତୃଭୂମିକୁ ସ୍ୱାଧୀନ କରିବାପାଇଁ ସେ ନିଜ ଜୀବନକୁ ଉତ୍ସର୍ଗ କରିବାଲାଗି ସଂକଳ୍ପବଦ୍ଧ ହୋଇଥିଲେ । ମାତ୍ର ପନ୍ଦର ବର୍ଷ ବୟସରେ କୁଳବଧୂର ପରଦା ଆଡ଼େଇ ଦେଇ ସେ ପଦାକୁ ବାହାରି ଆସିଥିଲେ । କିଏ ତାଙ୍କୁ କ'ଣ କହିବ ବା କ'ଣ ବିଚାରିବ, ସେ ବିଷୟରେ ତାଙ୍କର ଚିନ୍ତା ନ ଥିଲା । ଜାଲିଆନାୱାଲାବାଗ୍ ହତ୍ୟାକାଣ୍ଡର ପ୍ରତିବାଦରେ ଏକ ବିରାଟ ଶୋଭାଯାତ୍ରା ବାହାରିଥିଲା । ସେହି ଶୋଭାଯାତ୍ରାର ପୁରୋଭାଗରେ ଥିଲେ ସରଳା । ଶୋଭାଯାତ୍ରା ସହର ପରିକ୍ରମା କଲାବେଳେ ସେଥିରେ ସେହି ଏକମାତ୍ର ମହିଳାଙ୍କୁ ଦେଖି ରକ୍ଷଣଶୀଳ ଲୋକଙ୍କ ଆଖି ଖୋସି ହୋଇ ଯାଇଥିଲା । ନବୀନ ଚିନ୍ତାଧାରାର ଲୋକଙ୍କ ମନରେ ସୃଷ୍ଟି ହୋଇଥିଲା ଉନ୍ମାଦନା । ଖାଲି ସେତିକି ନୁହେଁ, ସେଦିନ ଆୟୋଜିତ ପ୍ରତିବାଦ ସଭାରେ ବ୍ରିଟିଶ୍ ସରକାରଙ୍କ ବିରୁଦ୍ଧରେ ସରଳାଙ୍କ ଜ୍ୱାଳାମୟୀ ଭାଷଣ ଶୁଣି ଲୋକମାନଙ୍କ ମନରେ ଶିହରଣ ସୃଷ୍ଟି ହୋଇଥିଲା ।

ନାଗପୁର କଂଗ୍ରେସ ଅଧିବେଶନରେ ଯୋଗଦେବା ପାଇଁ ଓଡ଼ିଶାରୁ ୨୦ ଜଣ ପ୍ରତିନିଧି ଯାଇଥିଲେ । ସେମାନଙ୍କ ମଧ୍ୟରେ ଥିଲେ ଗୋପବନ୍ଧୁ ଦାସ, ନିରଞ୍ଜନ ପଟ୍ଟନାୟକ, ହରେକୃଷ୍ଣ ମହତାବ ଓ ଜଗବନ୍ଧୁ ସିଂହ ପ୍ରମୁଖ ବିଶିଷ୍ଟ କଂଗ୍ରେସ ନେତା । ସରଳା ଦେବୀ ମଧ୍ୟ ନିଜ ପତି ଭାଗୀରଥି ମହାପାତ୍ରଙ୍କ ସହ ଏହି କଂଗ୍ରେସ ଅଧିବେଶନରେ ଯୋଗ ଦେଇଥିଲେ ।

Digitized by srujanika@gmail.com

ଅସହଯୋଗ ଆନ୍ଦୋଳନ

୧୯୨୦ ମସିହା ଅଗଷ୍ଟ ପହିଲାରେ ମହାତ୍ମାଗାନ୍ଧିଙ୍କ ନେତୃତ୍ୱରେ ଭାରତରେ ଅସହଯୋଗ ଆନ୍ଦୋଳନ ଆରମ୍ଭ ହେଲା । 'ସରକାରୀ-କୋର୍ଟ କଚେରୀ ବର୍ଜନ' ଏହି ଆନ୍ଦୋଳନରେ ଗୋଟିଏ କାର୍ଯ୍ୟକ୍ରମ ଥିଲା । ଭାଗୀରଥି ମହାପାତ୍ର ଅସହଯୋଗ ଆନ୍ଦୋଳନରେ ଯୋଗ ଦେବା ହେତୁ ଓକିଲାତି ଛାଡ଼ି ଦେଲେ । ସରଳା ଦେବୀଙ୍କ ଉପରେ ଏହାର ପ୍ରଭାବ ପଡ଼ିଲା ।

୧୯୨୧ ମସିହା ମାର୍ଚ୍ଚ ମାସରେ ମହାତ୍ମା ଗାନ୍ଧି କଟକ ଆସିଲେ । କଟକ ବାଲୁବଜାର ପାଖରେ ଗୋଟିଏ ମହିଳା ସଭାରେ ସେ ନାରୀମାନଙ୍କୁ ସୂତା କାଟି ଖଦି ପିନ୍ଧିବାକୁ, ପର୍ଦ୍ଦା ଛାଡ଼ିବାକୁ, ଛୁଆଁ ଛୁଇଁ ନମାନିବାକୁ ଉଦ୍‌ବୋଧନ ଦେଲେ । ସରଳା ଦେବୀ ସେହି ସଭାରେ ଉପସ୍ଥିତ ଥିଲେ । ସେ ସେହି ସମୟରୁ ପର୍ଦ୍ଦା ପ୍ରଥାକୁ ବର୍ଜନ କଲେ । ଛୁଆଁ ଛୁଇଁ ମାନିଲେ ନାହିଁ । ହାତ କଟା ଓ ହାତ ବୁଣା ସୂତାର ଖଦଡ଼ ଲୁଗା ପିନ୍ଧିଲେ । କଂଗ୍ରେସର ସଭ୍ୟା ହେଲେ । ସେତେବେଳେ କଂଗ୍ରେସର ସଭ୍ୟ ହେବାର ନିୟମ ଥିଲା ଯେ, କଂଗ୍ରେସକୁ ଚାରିଅଣା ପଇସା ଦେଇ ରସିଦ୍ ଖାତାରେ ଦସ୍ତଖତ କରିବା । ଏହି ଦସ୍ତଖତ ବା ଟିପ ଚିହ୍ନ କଂଗ୍ରେସର ସଭ୍ୟ ଭାବରେ ଦେଶର ସ୍ୱାଧୀନତା ଆନ୍ଦୋଳନକୁ ସମର୍ଥନ କରୁଥିବାର ପ୍ରମାଣ ରୂପେ ଗ୍ରହଣ କରାଯାଉଥିଲା । କାରଣ କଂଗ୍ରେସ ରସିଦ୍ ବହିରେ ଲେଖା ଥିଲା - "ମୁଁ ଶାନ୍ତି ପୂର୍ଣ୍ଣ ଓ ନ୍ୟାୟ ସଂଗତ ଉପାୟରେ ଭାରତର ସ୍ୱାଧୀନତା ପ୍ରାପ୍ତିରେ ବିଶ୍ୱାସ କରେ ।"

Digitized by srujanika@gmail.com

ଓଡ଼ିଶାରେ ଅସହଯୋଗ ଆନ୍ଦୋଳନକୁ ଠିକ୍ ଭାବରେ ପରିଚାଳନା କରିବାପାଇଁ ଗୋପବନ୍ଧୁ ଚାହୁଁଥିଲେ । ସେଥିପାଇଁ ସେ ଗାନ୍ଧିଜୀଙ୍କୁ ଓଡ଼ିଶା ଆସିବାକୁ ନିମନ୍ତ୍ରଣ କରିଥିଲେ । ଏହି ନିମନ୍ତ୍ରଣ ରକ୍ଷା କରି ଗାନ୍ଧିଜୀ ୧୯୨୧ ମସିହା ମାର୍ଚ୍ଚ ମାସ ୨୩ ତାରିଖରେ ଓଡ଼ିଶା ଆସିଥିଲେ । ତାଙ୍କ ସହିତ ତାଙ୍କର ପତ୍ନୀ କସ୍ତୁରବା ମଧ୍ୟ ଆସିଥିଲେ । ଗାନ୍ଧିଜୀଙ୍କ ଆଗମନ ଉପଲକ୍ଷେ କଟକ କାଠଯୋଡ଼ି ନଈ ବାଲିରେ ଏକ ବିରାଟ ସାଧାରଣ ସଭାର ଆୟୋଜନ କରାଯାଇଥିଲା । ଏହି ସଭାରେ ଓଡ଼ିଶାର ମହିଳାମାନେ ବହୁ ସଂଖ୍ୟାରେ ଯୋଗ ଦିଅନ୍ତୁ ବୋଲି ଗାନ୍ଧିଜୀ ଚାହୁଁଥିଲେ । ହେଲେ ସେତେବେଳେ ଏଭଳି ହେବା ସମ୍ଭବ ନଥିଲା । ସରଳା ଦେବୀ କଟକ ସହରର ଗଳି କନ୍ଦି ବୁଲି ମହିଳାମାନଙ୍କୁ ଗାନ୍ଧିଜୀଙ୍କ ସଭାରେ ଯୋଗ ଦେବା ପାଇଁ ବୁଝାଇଥିଲେ । ତାଙ୍କର ନିଷ୍ଠା ଓ ଉଦ୍ୟମ ସଫଳ

Digitized by srujanika@gmail.com

ହୋଇଥିଲା । କଟକ ଟାଉନ୍ ହଲରେ ଏକ ସଭାରେ ବହୁ ସଂଖ୍ୟାରେ ମହିଳା ଯୋଗ ଦେଇଥିଲେ ।

ଏହି ସଭାରେ ଗାନ୍ଧିଜୀ ହିନ୍ଦୀରେ ଯେଉଁ ଭାଷଣ ଦେଇଥିଲେ, ସରଳା ଦେବୀ ତାକୁ ଓଡ଼ିଆରେ ଅନୁବାଦ କରି ବୁଝାଉଥିଲେ । ଗାନ୍ଧିଜୀଙ୍କ ଆହ୍ୱାନରେ ବହୁ ମହିଳା ନିଜ ଦେହରୁ ଅଳଙ୍କାରମାନ ଖୋଲି ସ୍ୱରାଜ୍ୟ ପାଣ୍ଠିକୁ ଦାନ କରିଥିଲେ । ପାଖରେ ଥିବା ସବୁ ଟଙ୍କା ପଇସା ମଧ୍ୟ ଦେଇ ଦେଇଥିଲେ । ସରଳାଦେବୀ ମଧ୍ୟ ନିଜର ସ୍ୱର୍ଣ୍ଣ ଅଳଙ୍କାର ଦାନ କରି ଦେବା ସଙ୍ଗେ ସଙ୍ଗେ ଭବିଷ୍ୟତରେ ଆଉ ଅଳଙ୍କାର ପିନ୍ଧିବେ ନାହିଁ ବୋଲି ଘୋଷଣା କରିଥିଲେ । ସେହିଦିନ ଠାରୁ ସେ ସ୍ୱରାଜ୍ୟର ବାର୍ତ୍ତା ଲୋକଙ୍କ ପାଖରେ ପହଞ୍ଚାଇବେ ବୋଲି ପଣ କରିଥିଲେ ।

ସ୍ୱରାଜ୍ୟ ବାର୍ତ୍ତା ପ୍ରଚାର କଲାବେଳେ ସେ ସମାଜରେ ନାରୀର ଭୂମିକା ବିଷୟରେ ଅବଗତ ହୋଇଥିଲେ । ନାରୀମାନଙ୍କ ପ୍ରତି ସମାଜର ଅଜ୍ଞତା ହେତୁ ଦେଶରେ ଯେଉଁ ପରିସ୍ଥିତି ଦେଖା ଦେଇଛି ତାହା ଭଲଭାବେ ଜାଣି ପାରିଥିଲେ । ସେ ସଂପର୍କରେ ଅନୁଧ୍ୟାନ କରି ସରଳା ମହାତ୍ମାଗାନ୍ଧିଙ୍କୁ ଏକ ଚିଠି ଲେଖିଥିଲେ । ସେଥିରେ ଉଲ୍ଲେଖ ଥିଲା - ‘‘ନାରୀ ଜାତି ପ୍ରତି ଦୁର୍ବ୍ୟବହାର ଯେ ଅସ୍ପୃଶ୍ୟତା ପରି ସମାଜର ଗୋଟିଏ ରୋଗ; ଏକଥା କ’ଣ ଆପଣ ସ୍ୱୀକାର କରିବେ ନାହିଁ ? ମୁଁ ଯେଉଁ ଜାତୀୟବାଦୀ ଯୁବକମାନଙ୍କ ସଂପର୍କରେ ଆସିଛି, ସେମାନଙ୍କ ମଧ୍ୟରୁ ଶତକଡ଼ା ୯୦ ଜଣଙ୍କ ମଧ୍ୟରେ ପାଶବିକ ମନୋବୃତ୍ତି ରହିଛି । ଭାରତରେ ଅସହଯୋଗ ଆନ୍ଦୋଳନରେ ଯେଉଁମାନେ ଯୋଗ ଦେଇଛନ୍ତି ସେମାନଙ୍କ ମଧ୍ୟରୁ କେତେଜଣ ନାରୀକୁ ସମ୍ଭୋଗର ସାମଗ୍ରୀ ବୋଲି ମନେ ନ କରନ୍ତି ?

Digitized by srujanika@gmail.com

ଚିତ୍ତ ଶୁଦ୍ଧି ହେଉଛି ସଫଳତାର ପ୍ରଥମ ସର୍ତ୍ତ । ମାତ୍ର ନାରୀ ଜାତି ପ୍ରତି ରହିଥିବା ମନୋବୃତ୍ତି ପରିବର୍ତ୍ତିତ ନ ହେଲେ ଚିତ୍ତ ଶୁଦ୍ଧି - ଯାହା କି ସଫଳତାର ଆବଶ୍ୟକ ସର୍ତ୍ତ - ତାହା ସମ୍ଭବ ହେବ ନାହିଁ ।''

ମହାତ୍ମାଗାନ୍ଧି ସରଳା ଦେବୀଙ୍କର ଏହି କଥାକୁ 'ୟଙ୍ଗ୍ ଇଣ୍ଡିଆ' ପତ୍ରିକାରେ ଛାପିଦେଇ ଯେଉଁ ମନ୍ତବ୍ୟ ଦେଲେ, ତାହା ''ଗାନ୍ଧି ରଚନାବଳୀ''ରେ ଲିପିବଦ୍ଧ ହୋଇ ରହିଛି । ସେଥିରେ ସେ ଲେଖିଛନ୍ତି - x x x ''ଏଠାରେ ମୁଁ କହି ରଖୁଛି ଯେ, ପ୍ରକୃତ ସ୍ୱରାଜ୍ୟ ପାଇଁ ଉପଯୁକ୍ତ ହେବାକୁ ହେଲେ ନାରୀ ଓ ନାରୀ ଜାତିର ପବିତ୍ରତା ପ୍ରତି ପୁରୁଷକୁ ଅଧିକ ସମ୍ମାନ ପ୍ରଦର୍ଶନ କରିବାକୁ ହେବ ।''

ଅଳକା ଆଶ୍ରମ

୧୯୨୧-୨୨ ମସିହାରେ ସରଳା ଦେବୀଙ୍କ ସ୍ୱାମୀ ଭାଗୀରଥି ମହାପାତ୍ର, ଡକ୍ଟର ଏକ୍ରାମ୍ ରସୁଲ୍ ଓ ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ସହ ଅସହଯୋଗ ଅନ୍ଦୋଳନରେ ଯୋଗ ଦେଇଥିଲେ । ରାଜଦ୍ରୋହ ଅପରାଧରେ ଦଣ୍ଡିତ ହୋଇ ଭାଗୀରଥି ବାବୁ ୨ ବର୍ଷ କାରାଦଣ୍ଡ ଭୋଗ କରିଥିଲେ ।

ଭାଗୀରଥି ବାବୁ ସ୍ୱରାଜ୍ୟ ବାର୍ତ୍ତା ପ୍ରଚାର ଓ ପ୍ରାଦେଶିକ କଂଗ୍ରେସ କମିଟିର ଦାୟିତ୍ୱ ତୁଲାଇବା ସଙ୍ଗେ ସଙ୍ଗେ ଜଗତ୍‌ସିଂହପୁର ଠାରେ ସ୍ଥାପିତ ଅଳକାଶ୍ରମ ଜାତୀୟ ଶିକ୍ଷାନୁଷ୍ଠାନର ଅନ୍ୟତମ ପରିଚାଳକ ମଧ୍ୟ ଥିଲେ । ଏହି ଅଳକାଶ୍ରମ ଗାନ୍ଧିଜୀଙ୍କ ଆଦର୍ଶରେ ଗଢ଼ି ଉଠିଥିଲା । ଗୋପବନ୍ଧୁ ଚୌଧୁରୀ, ରମାଦେବୀ, ଭାଗୀରଥି ମହାପାତ୍ର ଓ ସରଳାଦେବୀ ପ୍ରମୁଖ

Digitized by srujanika@gmail.com

ଏହି ଅନୁଷ୍ଠାନ ପରିଚାଳନା କରୁଥିଲେ । ସେଠାରେ ଏକ ଜାତୀୟ ବିଦ୍ୟାଳୟ ଖୋଲା ଯାଇ କର୍ମୀମାନଙ୍କୁ ତାଲିମ୍ ଦିଆଯାଉଥିଲା । ପାଠ ପଢ଼ା ସାଙ୍ଗକୁ ସୂତାକଟା ଓ ଲୁଗା ବୁଣା କାମ ସେମାନେ ଶିଖୁଥିଲେ । ଗାଁ ଗହଳିକୁ ଯାଇ ରୋଗୀମାନଙ୍କର ସେବା କରୁଥିଲେ ।

ସରଳାଦେବୀ ଏହି ଆଶ୍ରମ ସହିତ ମୂଳରୁ ଜଡ଼ିତ ଥିଲେ । ସ୍ୱାମୀଙ୍କ ସହିତ ଆଶ୍ରମର ବିଭିନ୍ନ କାର୍ଯ୍ୟକ୍ରମରେ ସେ ଭାଗ ନେଉଥିଲେ । ଅଳକାଶ୍ରମର ଛାତ୍ରମାନେ 'ଅଳକା' ନାମକ ଏକ ହାତ ଲେଖା ପତ୍ରିକା ପ୍ରକାଶ କରୁଥିଲେ । ସେ ଏହି ପତ୍ରିକାରେ ମଧ୍ୟ ନିଜେ ଲେଖା ଦେଉଥିଲେ ।

ସରଳାଙ୍କ ସାହିତ୍ୟ ଚର୍ଚ୍ଚା

ସରଳାଦେବୀ ଅଳ୍ପ ବୟସରୁ ସାହିତ୍ୟ ଚର୍ଚ୍ଚା ଆରମ୍ଭ କରିଥିଲେ । ସେ ଯୁଗରେ 'ପରିଚାରିକା' ନାମକ ଗୋଟିଏ ମାସିକ ପତ୍ରିକା କିଛି ବର୍ଷ ପ୍ରକାଶିତ ହୋଇଥିଲା । ଶ୍ରୀମତୀ ବସନ୍ତ କୁମାରୀ ଦେବୀ ଏହି ପତ୍ରିକାର ସଂପାଦିକା ଥିଲେ । ସର୍ବଶ୍ରୀ ସରୋଜିନୀ ଦେବୀ, କୋକିଳ ଦେବୀ, ପ୍ରମିଳା ସୁନ୍ଦରୀ ଦେଈ, ରମା ସୁନ୍ଦରୀ ଦେଈ, କାଞ୍ଚନମାଳି ଦେଈ ପ୍ରମୁଖ ବହୁ ମହିଳାଙ୍କ ରଚନା ସେହି ପତ୍ରିକାରେ ପ୍ରକାଶିତ ହୋଇଥିଲା । ସନ୍ ୧୩୨୫ରୁ ୧୩୨୭ ମଧ୍ୟରେ ଛପା ହୋଇଥିବା 'ପରିଚାରିକା'ରେ ସରଳାଦେବୀଙ୍କର ରଚନା ମଧ୍ୟ ଦେଖିବାକୁ ମିଳେ । ସେଥିରେ ତାଙ୍କ ନାମ ଠାଏ ଠାଏ ସରଳା ସୁନ୍ଦରୀ ଦେଈ ଲେଖା ହୋଇଛି । ସନ୍ ୧୩୨୫ ବା ୧୯୧୮ ମସିହାର 'ପରିଚାରିକା'ରେ "ଧୈର୍ଯ୍ୟଶାଳୀ ସାମ୍ରାଜ୍ଞୀ

Digitized by srujanika@gmail.com

ଶୈବ୍ୟା'' ନାମକ ତାଙ୍କର ଏକ ରଚନା ପ୍ରକାଶିତ ହୋଇଥିଲା । ସେହିପରି ସନ୍ ୧୩୨୬ ଓ ୧୩୨୭ରେ 'କଳ୍ପିତ ମୃତ୍ୟୁ' ଓ 'ପ୍ରତୀକ୍ଷା' ନାମକ ଦୁଇଟି କବିତା ମଧ୍ୟ ତାଙ୍କର ଏହି ପତ୍ରିକାରେ ସ୍ଥାନ ପାଇଥିଲା । ତାଙ୍କ ମାଆଙ୍କର ମଧ୍ୟ 'ପାକ ପ୍ରଣାଳୀ' ଶିରୋନାମାରେ ଧାରାବାହିକ ରଚନା 'ପରିଚାରିକା'ରେ ପ୍ରକାଶିତ ହେଉଥିଲା । ଚଉଦ ପନ୍ଦର ବର୍ଷ ବୟସରେ ସରଳାଙ୍କର ଏହି ରଚନାରୁ ତାଙ୍କ ସାହିତ୍ୟିକ ପ୍ରତିଭାର ପରିଚୟ ମିଳେ । ପରବର୍ତ୍ତୀକାଳରେ ତାଙ୍କର ଏହି ସାହିତ୍ୟିକ ପ୍ରତିଭାର ଦ୍ରୁତ ବିକାଶ ଘଟିଥିଲା ।

ନାରୀ ସଂଗଠନ

ଗାନ୍ଧିଜୀଙ୍କ ପ୍ରଭାବ ସରଳାଦେବୀ, ରମାଦେବୀ, ଶୈଳବାଳା ଦାସ, ରେବା ରାୟ ଓ କୁନ୍ତଳା କୁମାରୀଙ୍କ ଉପରେ ପଡ଼ିଥିଲା । ସେମାନେ ନାରୀମାନଙ୍କର ସାମୂହିକ ଉନ୍ନତି ପାଇଁ ଚିନ୍ତା କରୁଥିଲେ । ଲେଖା, ଶିକ୍ଷା ଓ ସଭାସମିତି ଦ୍ୱାରା ନାରୀମାନଙ୍କର ବିଭିନ୍ନ ସମସ୍ୟା ସଂପର୍କରେ ସେମାନେ ଆଲୋକପାତ କରୁଥିଲେ । ଓଡ଼ିଶାର ନାରୀମାନଙ୍କୁ ଗୋଟିଏ ମଞ୍ଚରେ ଏକାଠି କରିବାପାଇଁ ସରଳାଦେବୀ ''ଉତ୍କଳ ମହିଳା ସମ୍ମିଳନୀ'' ନାମକ ଏକ ସଂଗଠନ କରିଥିଲେ । ରସାମଣି ଦେବୀ, ହୈମବତୀ ଦେବୀ ଓ କିଶୋରୀମଣି ଦେବୀ ପ୍ରମୁଖ ଏଥିରେ ଅଂଶଗ୍ରହଣ କରିଥିଲେ । ଏହାର ପ୍ରଥମ ଅଧିବେଶନରେ ଆଚାର୍ଯ୍ୟ ପ୍ରଫୁଲ୍ଲ ଚନ୍ଦ୍ର ରାୟ ସଭାପତିତ୍ୱ କରିଥିଲେ । ଓଡ଼ିଶାର ନାରୀମାନଙ୍କ ମଧ୍ୟରେ ଜାଗରଣ ସୃଷ୍ଟି କରିବା ପାଇଁ ସରଳାଙ୍କ ଉଦ୍ୟମକୁ ସେ ଖୁବ୍ ପ୍ରଶଂସା କରିଥିଲେ । ସେହି

Digitized by srujanika@gmail.com

ଅଧିବେଶନରେ ହିଁ ଉତ୍କଳ ମହିଳା ସମ୍ମିଳନୀ ନିଖିଳ ଭାରତ ମହିଳା ସଂଘର ଶାଖାରୂପେ କାର୍ଯ୍ୟ କରିବ ବୋଲି ସ୍ଥିର ହୋଇଥିଲା ।

ଉତ୍କଳ ନାରୀ ସମ୍ମିଳନୀର ସଫଳତା ସରଳାଦେବୀଙ୍କୁ ଗଠନମୂଳକ କାମ କରିବା ପାଇଁ ବିଶେଷ ଉତ୍ସାହିତ କରିଥିଲା । ସେ ଓଡ଼ିଶାର ନାରୀମାନଙ୍କ ବିଭିନ୍ନ ସମସ୍ୟା ଉପରେ ପ୍ରବନ୍ଧମାନ ଲେଖି ପତ୍ର-ପତ୍ରିକାରେ ପ୍ରକାଶ କରିଥିଲେ । ତାଙ୍କର ଏହି ସବୁ କାର୍ଯ୍ୟ ଅନ୍ୟ ରାଜ୍ୟର ନାରୀମାନଙ୍କ ମଧ୍ୟରେ ଆଲୋଚିତ ହେଉଥିଲା । ଦକ୍ଷିଣ ଭାରତର ତିରୁପତିଠାରେ ଆୟୋଜିତ ତାମିଲନାଡୁ ପ୍ରାଦେଶିକ ମହିଳା ସମିତି ବୈଠକରେ ସରଳାଦେବୀଙ୍କୁ ପୌରୋହିତ୍ୟ କରିବାକୁ ଆମନ୍ତ୍ରଣ କରି ନିଆ ଯାଇଥିଲା । ଓଡ଼ିଶା ନାରୀ ଜାଗରଣର ବାର୍ତ୍ତା ଦକ୍ଷିଣ ଭାରତରେ ମଧ୍ୟ ପହଞ୍ଚି ପାରିଥିଲା ।

୧୯୨୪ ମସିହାର କଟକ ନାରୀ ସମ୍ମିଳନୀରେ ଯୋଗଦେବା ପରେ ସରଳା ଦେବୀ କଟକ ସ୍ୱରାଜ୍ୟ ଆଶ୍ରମର ମହିଳା ସଭା, ବ୍ରହ୍ମପୁର ମହିଳା ସଭା ଓ ମହିଳା ସଂଗଠନ କାମରେ ଲାଗି ପଡ଼ିଥିଲେ । ସେ ବୁଝି ପାରିଥିଲେ ଯେ, ସମାଜ ନାରୀ ଓ ପୁରୁଷକୁ ନେଇ ଗଢ଼ା ହୋଇଛି । ନାରୀ ଯଦି ମୂର୍ଖ, ଅବହେଳିତ ଓ ଦୁର୍ବଳ ହୋଇ ରହିବ, ତେବେ ସମାଜ କଦାପି ଉନ୍ନତ ହୋଇ ପାରିବ ନାହିଁ । ସେଥିପାଇଁ ଉତ୍କଳ ମହିଳା ସମ୍ମିଳନୀ ଓ ନାରୀ କଲ୍ୟାଣ ସମବାୟ ସମିତି ଆଦି ମହିଳା ସଂସ୍ଥା ସେ ଗଠନ କରିଥିଲେ । କିନ୍ତୁ ଏହି ସମୟରେ ଭାରତର ରାଜନୈତିକ ଆନ୍ଦୋଳନ

Digitized by srujanika@gmail.com

ଭିନ୍ନ ମୋଡ଼ ନେଲା । ୧୯୩୦ ମସିହାରେ ମହାତ୍ମା ଗାନ୍ଧି ଲବଣ ଆଇନ୍ ବିରୁଦ୍ଧରେ ସତ୍ୟାଗ୍ରହ କରିବା ପାଇଁ ଡାକରା ଦେଲେ ।

ଲବଣ ସତ୍ୟାଗ୍ରହରେ ସରଳା ଦେବୀ

ସରଳାଦେବୀ ସେତେବେଳେ ଗଞ୍ଜାମ ଜିଲ୍ଲାର ବ୍ରହ୍ମପୁର ସହରରେ 'ଉଦ୍‌ଯୋଗ ମନ୍ଦିର' ନାମକ ସଂସ୍ଥା ସ୍ଥାପନ କରି ଗ୍ରାମାଞ୍ଚଳରେ ବୁଲି ସତ୍ୟାଗ୍ରହୀ ସଂଗ୍ରହ କରିବାରେ ଲାଗି ପଡ଼ିଥିଲେ । ତାଙ୍କ ପ୍ରଚେଷ୍ଟାରେ ଶ୍ରୀମତୀ ହେମଲତା ଦେବୀ, ଶୋଭାବତୀ ପଣ୍ଡା ପ୍ରମୁଖ ସତ୍ୟାଗ୍ରହ ଆନ୍ଦୋଳନରେ ଯୋଗ ଦେଇଥିଲେ । ବହୁ ପୁରୁଷ ସତ୍ୟାଗ୍ରହୀ ମଧ୍ୟ ଉଦ୍‌ଯୋଗ ମନ୍ଦିରରେ ରହି ଦଳବଦ୍ଧ ହୋଇ ଲୁଣ ମାରି ଲବଣ ଆଇନ୍ ଭଙ୍ଗ କରିଥିଲେ । ଗିରଫ ହୋଇ ଦଣ୍ଡ ଭୋଗୁଥିଲେ ।

ଯେତେବେଳେ ସରଳାଦେବୀ ନିଜେ ଲବଣ ଆଇନ ଅମାନ୍ୟ କରିବେ ବୋଲି ଘୋଷଣା କଲେ, ସେତେବେଳେ ସରକାରଙ୍କର ଚେ଼ତନା ପଶିଲା । ଦିନେ ସରଳା ଦେବୀ ମାନ୍ଦ୍ରାଜ ମେଲ୍‌ରେ ଯାଉଥିଲେ । ହଠାତ୍ ମେଲ୍‌ଗାଡ଼ି ଗୋଟିଏ ନିର୍ଜନ ସ୍ଥାନରେ ଛିଡ଼ା ହୋଇଗଲା । ମାନ୍ଦ୍ରାଜ ମେଲ୍ ବଡ଼ ବଡ଼ ରେଳ ଷ୍ଟେସନ୍ ଛଡ଼ା ଅନ୍ୟତ୍ର କେବେହେଁ ଅଟକେ ନାହିଁ । ସେଦିନ ଗାଡ଼ି କାହିଁକି ଅଟକିଲା, ତାହା ଜାଣିବା ପାଇଁ ଯାତ୍ରୀମାନେ ରେଳ ଡବାର ଝରକା ବାଟେ ମୁହଁ ବାହାର କରି ଦେଖିଲେ । ସେମାନଙ୍କ ଆଖିରେ ପଡ଼ିଲା, ଦଳେ ପୁଲିସ୍ ରେଳ ଡବା ଭିତରୁ ଜଣେ ଯୁବତୀଙ୍କୁ ଓହ୍ଲାଇ ଆଣି ପୁଲିସ୍ ଗାଡ଼ିରେ ବସାଇ ନେଇଗଲେ । ମୁହୂର୍ତ୍ତକ ମଧ୍ୟରେ ମାନ୍ଦ୍ରାଜ ମେଲ୍‌ରେ ଯାଉଥିବା ଯାତ୍ରୀମାନେ ଜାଣିଗଲେ ଯେ ପୁଲିସ୍ ଧରି

Digitized by srujanika@gmail.com

ନେଉଥିବା ଯୁବତୀ ଜଣକ ସରଳା ଦେବୀ । ବିଦ୍ୟୁତ୍ ବେଗରେ ଏ ଖବର ସାରା ଓଡ଼ିଶାରେ ଖେଳେଇ ହୋଇଗଲା । ଏହି ନିରସ୍ତ୍ର ମହିଳାଙ୍କୁ ବ୍ରିଟିଶ୍ ସରକାର ଖୁବ୍ ଭୟ କରୁଥିଲେ । ତାଙ୍କୁ ସହର ବଜାରରେ ଗିରଫ କଲେ ଲୋକେ ଉତ୍ତେଜିତ ହୋଇ ମାତି ଉଠିବେ ବୋଲି ସରକାର ଆଶଙ୍କା କରୁଥିଲେ । ତେଣୁ ସେ ରେଳ ଯାତ୍ରା କରୁଥିବାବେଳେ ନିଛାଟିଆ ସ୍ଥାନରେ ଗାଡ଼ି ଅଟକାଇ ତାଙ୍କୁ ଗିରଫ୍ କରିନେଲେ । ଓଡ଼ିଶାର ଚାରିଆଡ଼େ ତାଙ୍କ ଗିରଫ୍‌ର ପ୍ରତିବାଦ କରି ସଭା, ଶୋଭାଯାତ୍ରା ହେଲା । ସରକାର ତାଙ୍କୁ ଛଅ ମାସ କାରାଦଣ୍ଡ ଦେଇ ସୁଦୂର ଭେଲୋର୍ ଜେଲ୍‌କୁ ପଠାଇ ଦେଇଥିଲେ ।

Digitized by srujanika@gmail.com

ଭେଲୋର୍ ଜେଲ୍‌ରେ ଥିଲାବେଳେ ତାଙ୍କ ଉପରେ ନାନା ପ୍ରକାର ନିର୍ଯାତନା କରାଯାଇଥିଲା । ଜେଲ୍‌ର ବିଭିନ୍ନ ପ୍ରକାର କଠିନ କାର୍ଯ୍ୟ କରିବାକୁ ତାଙ୍କୁ ଦିଆଯାଇଥିଲା । ଶାଢ଼ି ବଦଳରେ ଜେଲ୍ ପୋଷାକ ପିନ୍ଧିବାକୁ ବାଧ୍ୟ କରା ହୋଇଥିଲା । ସଧବାର ଚିହ୍ନ ହାତର ଚୂଡ଼ି ମଧ୍ୟ ଓହ୍ଲାଇ ଦିଆଯାଇଥିଲା । ସକାଳେ ଖଣ୍ଡେ ଶୁଖିଲା ପାଉଁରୁଟି ଓ ଅନ୍ୟ ସମୟରେ ଡାଲି ତରକାରୀ ବିନା ଭାତ ଖାଇବାକୁ ଦିଆଯାଉଥିଲା । ଡାଲି, ତରକାରୀ ବଦଳରେ ଦିଆଯାଉଥିଲା ଲଙ୍କା, ଲୁଣ ଏବଂ ଆଚାର । ମାଟି ପିଣ୍ଡି ଉପରେ ଶୋଇଲାବେଳେ ତାଙ୍କୁ ତକିଆ ମଧ୍ୟ ଦିଆଯାଉ ନଥିଲା ।

ସେ ଥିଲେ ଜେଲ୍ ବରଣ କରିଥିବା ଓଡ଼ିଶାର ପ୍ରଥମ ନାରୀ ସତ୍ୟାଗ୍ରହୀ । ସେଥିପାଇଁ ତାଙ୍କୁ ନାରୀ ନେତ୍ରୀ ରମାଦେବୀ ଅଭିନନ୍ଦନ ଜଣାଇ ଜେଲ୍‌କୁ ଚିଠି ଲେଖିଥିଲେ । ଭେଲୋର୍ ଜେଲ୍‌ରେ ଥିଲାବେଳେ ସରଳା ଦେବୀଙ୍କ ସହ ଦୁର୍ଗାବାଈ (ଦେଶମୁଖ) ଓ ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ପ୍ରଫେସର ଏନ୍. ଜି. ରଙ୍ଗାଙ୍କ ପତ୍ନୀ ପଦ୍ମାବତୀ ସୁଭଦ୍ରାମା ତାଙ୍କର ସହବନ୍ଦୀ ଥିଲେ । ସେମାନଙ୍କ ସହିତ ଭାବର ଆଦାନ ପ୍ରଦାନ କରି ସରଳାଦେବୀ ମହାଭାରତୀୟ ସ୍ତରରେ ନାରୀ ସଂଗଠନ କରିବା ସଂପର୍କରେ ଚିନ୍ତା କରିଥିଲେ ।

ସେ ସେହି ବର୍ଷ ଡିସେମ୍ବର ମାସ ୮ ତାରିଖ ଦିନ ଭେଲୋର୍ ଜେଲ୍‌ରୁ ଖଲାସ ହୋଇଥିଲେ । ତାଙ୍କୁ ଏବଂ ଦୁର୍ଗାବାଈଙ୍କୁ ୧୮ଟି ଅନୁଷ୍ଠାନ

Digitized by srujanika@gmail.com

ତରଫରୁ ମାନପତ୍ର ପ୍ରଦାନ କରାଯାଇଥିଲା । କଟକରେ ତାଙ୍କୁ ସମ୍ବର୍ଦ୍ଧନା ଦେବା ପାଇଁ ଯେଉଁ ସାଧାରଣ ସଭାର ଆୟୋଜନ କରାଯାଇଥିଲା, ସେଥିରେ ବୀଣାପାଣି ଦେବୀ ସଭାପତିତ୍ୱ କରିଥିଲେ । ନାରୀ କବି କୁନ୍ତଳା କୁମାରୀ ତାଙ୍କ ଉଦ୍ଦେଶ୍ୟରେ ରଚିତ ସ୍ୱାଗତ ସଙ୍ଗୀତରେ ତାଙ୍କୁ ‘‘ବୀରବାଳା ମା’ ସରଳା’’ ବୋଲି ସମ୍ବୋଧନ କରିଥିଲେ । ସଭାରେ ଉପସ୍ଥିତ ନରନାରୀ ତାଙ୍କ ଉପରେ ଜେଲ୍‌ରେ ହୋଇଥିବା ଅତ୍ୟାଚାର କଥା ଶୁଣି ଉତ୍ତେଜିତ ହୋଇ ଉଠିଥିଲେ । ସତ୍ୟାଗ୍ରହୀମାନେ ବ୍ରିଟିଶ ସରକାରଙ୍କ ବିରୁଦ୍ଧରେ ଧ୍ୱନି ଦେବା ସଙ୍ଗେ ସଙ୍ଗେ ୟୁନିୟନ୍ ଜ୍ୟାକ୍‌ରେ ନିଆଁ ଲଗାଇ ଦେଇଥିଲେ ।

୧୯୩୦ ମସିହା ଲବଣ ସତ୍ୟାଗ୍ରହ, ନିଶା ନିବାରଣ ଓ ବିଦେଶୀ ପଦାର୍ଥ ବର୍ଜନ ଆନ୍ଦୋଳନ ଖୁବ୍ ପ୍ରବଳ ହେଲା । ବ୍ରିଟିଶ ସରକାର ଉପାୟହୀନ ହୋଇ ୧୯୩୧ ମସିହାରେ ମହାତ୍ମାଗାନ୍ଧିଙ୍କ ସହ ସନ୍ଧି କଲେ । ଓଡ଼ିଶାର ଲବଣ ସତ୍ୟାଗ୍ରହ, ନିଶା ନିବାରଣ ଓ ବିଦେଶୀ ବର୍ଜନ ଆନ୍ଦୋଳନର ପୁରୋଭାଗରେ ଥିଲେ ସରଳା ଦେବୀ । ମହାତ୍ମାଗାନ୍ଧିଙ୍କ ସହ ବ୍ରିଟିଶ୍ ସରକାରଙ୍କ ସନ୍ଧି ହେବା ଫଳରେ ଲୁଣ ଉପରେ ବସିଥିବା ଟିକସ ଉଠାଇ ଦିଆଗଲା । ସାରା ଦେଶରେ ସେତେବେଳେ ଅବର୍ଣ୍ଣନୀୟ ଉତ୍ସାହ ଉଦ୍ଦୀପନା ଦେଖାଦେଇଥିଲା । ସରଳା ଦେବୀ ଓ ଅନ୍ୟ ଲବଣ ସତ୍ୟାଗ୍ରହୀମାନଙ୍କୁ ଲୋକେ ବିଜୟୀ ବୀରର ସମ୍ମାନ ଦେଇଥିଲେ । କାନ୍ତକବି ଲକ୍ଷ୍ମୀକାନ୍ତ ଏମାନଙ୍କୁ ସମ୍ବର୍ଦ୍ଧନା ଜଣାଇ ସେତେବେଳେ ଲେଖିଥିଲେ -

Digitized by srujanika@gmail.com

"ଗର୍ଜି ଉଠୁଛି ତୂର୍ଯ୍ୟନାଦ ଉଡୁଛି ବିଜୟ ଜୈତ୍ର
ଆର୍ଯ୍ୟବାହିନୀ ଆସିଛି ଆଜି ବର୍ଜ୍ଜି ସମର କ୍ଷେତ୍ର ।
ବଜାଅ ବଜାଅ ବିଜୟ ବାଦ୍ୟ ଗାଅ ଭାରତର ଜୟ
ଚ଼ନ୍ଦ୍ର ସୂର୍ଯ୍ୟ ସ୍ତମ୍ଭିତ ହେଉ କିନ୍ତୁ ଅବନୀମୟ ।
ବଜାଅ ବଜାଅ ବିଜୟ ବାଦ୍ୟ ବଜାଅ ରଣ ଡଙ୍କା
ପୂର୍ଣ୍ଣ ହୋଇଛି ଜୀବନ ଯଜ୍ଞ ଚୂର୍ଣ୍ଣ ହୋଇଛି ଶଙ୍କା ।"

ଚାଷୀ ଆନ୍ଦୋଳନ

ଦେଶର ସ୍ୱାଧୀନତା ଆନ୍ଦୋଳନ ବେଳେ ଗଡ଼ଜାତ ରାଜା ଓ ଜମିଦାରମାନେ ଥିଲେ ଇଂରେଜମାନଙ୍କର ଦୃଢ଼ ସମର୍ଥକ । ଜମିଦାରମାନେ ଚ଼ାଷୀମାନଙ୍କ ଉପରେ ଶୋଷଣ ଅତ୍ୟାଚାର ଚ଼ଳାଉଥିଲେ । ଚ଼ାଷୀମାନଙ୍କୁ ସ୍ୱାଧୀନତା ଆନ୍ଦୋଳନରେ ସାମିଲ କରିବା ପାଇଁ ସେମାନଙ୍କ ସୁଖ-ଦୁଃଖରେ ଭାଗୀଦାର ହେବା ସ୍ୱାଧୀନତା ସଂଗ୍ରାମୀମାନଙ୍କର କର୍ତ୍ତବ୍ୟ ହୋଇ ଉଠିଥିଲା । ସେଥିପାଇଁ କଂଗ୍ରେସ ଦଳ ଭିତରେ ଗୋଟିଏ ପ୍ରଗତିଶୀଳ ଗୋଷ୍ଠୀ ଲୋକେ "ଉତ୍କଳ କଂଗ୍ରେସ ସାମ୍ୟବାଦୀ ସଂଘ" ନାମରେ ଏକ ନୂଆ ସଂଗଠନ ଗଢ଼ିଥିଲେ । ନବକୃଷ୍ଣ ଚ଼ୌଧୁରୀ, ସୁରେନ୍ଦ୍ର ନାଥ ଦ୍ୱିବେଦୀ, ଭଗବତୀ ଚ଼ରଣ ପାଣିଗ୍ରାହୀ ଓ ମାଳତୀ ଚ଼ୌଧୁରୀ ପ୍ରମୁଖ ଥିଲେ ଏହି ସଂଘର ପ୍ରତିଷ୍ଠାତା । ଏମାନେ ସମସ୍ତେ କାର୍ଲମାର୍କସ୍‌ଙ୍କ ସାମ୍ୟବାଦୀ ଚ଼ିନ୍ତାଧାରା ଦ୍ୱାରା ପ୍ରଭାବିତ ହୋଇଥିଲେ । ଦେଶର ରାଜନୈତିକ ସ୍ୱାଧୀନତା ସହିତ ଲୋକଙ୍କ ଆର୍ଥିକ ସ୍ୱାଧୀନତା କିପରି

Digitized by srujanika@gmail.com

ଆସିପାରିବ, ସେଥିପାଇଁ ସେମାନେ ଲାଗି ପଡ଼ିଥିଲେ । ଜମିଦାର-ସାହୁକାରମାନଙ୍କ ଶୋଷଣରୁ ଚାଷୀମାନଙ୍କୁ ରକ୍ଷା କରିବାପାଇଁ ସେମାନେ ଚାଷୀମାନଙ୍କୁ ଏକାଠି କରୁଥିଲେ ।

ସରଳାଦେବୀ କଂଗ୍ରେସ ସାମ୍ୟବାଦୀ କର୍ମୀମାନଙ୍କ ସହ ମିଶି ଚାଷୀମାନଙ୍କୁ ସଂଗଠିତ କରୁଥିଲେ । ୧୯୩୭ ମସିହା ମେ ମାସରେ ଡେଲାଙ୍ଗଠାରେ ଏକ ଚାଷୀ ସଭା ହୋଇଥିଲା । ଏହି ସଭାରେ ସେ ତତ୍‌କାଳୀନ ଜମିଦାରମାନଙ୍କ ଅତ୍ୟାଚାର ବିରୁଦ୍ଧରେ ଲଢ଼େଇ କରିବାକୁ ଲୋକଙ୍କୁ ଆହ୍ୱାନ କରିଥିଲେ । ବିଧାନ ସଭା ମଧ୍ୟରେ ବନ୍ୟା କ୍ଷତିଗ୍ରସ୍ତ ଚାଷୀମାନଙ୍କଠାରୁ ଖଜଣା ଆଦାୟ ବନ୍ଦ କରିବାକୁ ସେ ସରକାରଙ୍କୁ ପରାମର୍ଶ ଦେଇଥିଲେ । ଲୋକେ ଯେପରି ବନ୍ୟା ଦାଉରୁ ରକ୍ଷା ପାଇବେ ସେଥିପାଇଁ ସ୍ଥାୟୀ ପ୍ରତିକାର ବ୍ୟବସ୍ଥା ଗ୍ରହଣ କରିବାକୁ ସରକାରଙ୍କ ପାଖରେ ଦାବି କରିଥିଲେ ।

ମୋଗଲବନ୍ଦୀର ଜମିଦାରଙ୍କ ଭଳି ଗଡ଼ଜାତର ରାଜାମାନେ ମଧ୍ୟ ପ୍ରଜାମାନଙ୍କୁ ବେଠି ଖଟାଇ ନାନା ପ୍ରକାର ଟିକସ ଆଦାୟ କରି ହନ୍ତସନ୍ତ କରୁଥିଲେ । ସରଳା ଦେବୀ ବିଧାନ ସଭା ଭିତରେ ଓ ବାହାରେ ଏହି ଗଡ଼ଜାତ ରାଜାମାନଙ୍କର ଶୋଷଣ ଅତ୍ୟାଚାର ବିରୁଦ୍ଧରେ ସ୍ୱର ଉତ୍ତୋଳନ କରିଥିଲେ ।

ବିଧାନସଭାରେ ପ୍ରଥମ ମହିଳା

୧୯୩୬ ମସିହା ଏପ୍ରିଲ ପହିଲା ଦିନ ଓଡ଼ିଶା ଏକ ସ୍ୱତନ୍ତ୍ର ପ୍ରଦେଶ

Digitized by srujanika@gmail.com

ହେଲା । ପ୍ରାଦେଶିକ ସ୍ୱାୟତ୍ତ ଶାସନ ମିଳିବା ପରେ ଓଡ଼ିଶାରେ କଂଗ୍ରେସ୍ ପକ୍ଷରୁ ବିଧାନ ସଭା ନିର୍ବାଚନ ପାଇଁ ପ୍ରାର୍ଥୀ ଠିଆ କରାଯାଇଥିଲା । ପଣ୍ଡିତ ନୀଳକଣ୍ଠ ଦାସ ସେ ସମୟରେ ଓଡ଼ିଶା କଂଗ୍ରେସର ସଭାପତି ଥିଲେ । ସେ ଦୁଇଜଣ ମହିଳା ପ୍ରାର୍ଥୀଙ୍କୁ ବିଧାନ ସଭାପାଇଁ ପ୍ରାର୍ଥୀ ଭାବରେ ବାଛିଥିଲେ । ଜଣେ ଥିଲେ ସରଳା ଦେବୀ ଓ ଅନ୍ୟ ଜଣେ ଲକ୍ଷ୍ମୀବାଈ । କଟକରୁ ନିର୍ବାଚନ ପ୍ରତିଦ୍ୱନ୍ଦ୍ୱିତା କରି ସରଳା ଦେବୀ ବିଧାନ ସଭାକୁ ନିର୍ବାଚିତ ହୋଇଥିଲେ । ସେ ଥିଲେ ଓଡ଼ିଶା ବିଧାନ ସଭାରେ ପ୍ରଥମ ମହିଳା ବିଧାୟିକା ।

ବିଧାନସଭାରେ ବାଲ୍ୟ ବିବାହ ଆଇନର ସଂଶୋଧନ ଓ ପୋଇଲି ପ୍ରଥାର ଉଚ୍ଛେଦ ପ୍ରଭୃତି ଆଇନ ପ୍ରଣୟନ କରିବାପାଇଁ ସେ ବିଲ୍ ଆଗତ କରିଥିଲେ । ସମାଜରେ ବାଳୁତ ବିଧବା, ପୋଇଲିମାନଙ୍କର ଦୁର୍ଦ୍ଦଶା ସେତେବେଳେ ଅକଥନୀୟ ଥିଲା । ଅଥଚ ଏହି ପ୍ରଥା ଦୁଇଟି ଆଭିଜାତ୍ୟ ସୂଚକ ବୋଲି ସମାଜରେ ଗୃହୀତ ହେଉଥିଲା । ସରଳା ଦେବୀ ଏହା ବିରୁଦ୍ଧରେ ବରାବର ସ୍ୱର ଉତ୍ତୋଳନ କରୁଥିଲେ । ବିଧାୟିକା ହେବା ଫଳରେ ଆଇନ୍ ବଳରେ ଏହି ପ୍ରଥାର ଉଚ୍ଛେଦ କରିବା ପାଇଁ ସେ ଦୃଢ଼ ପରିକର ହୋଇଥିଲେ । ତାଙ୍କ ଉଦ୍ୟମ ଫଳରେ ଏହି ବିଲ୍ ବିଧାନ ସଭାରେ ଗୃହୀତ ହୋଇଥିଲା ।

ସେ ବିଧାନ ସଭାରେ ଗୋଟିଏ ଦିନ ବାଚସ୍ପତି ଦାୟିତ୍ୱ ତୁଲାଇଥିଲେ । ବ୍ରିଟିଶ୍ ଅମଳରେ ବିଧାନ ସଭାର ସମସ୍ତ କାର୍ଯ୍ୟ ଇଂରାଜୀ ଭାଷାରେ ହେଉଥିଲା । କିନ୍ତୁ ବାଚସ୍ପତି ଆସନରେ ବସି ସରଳା ଦେବୀ

Digitized by srujanika@gmail.com

ସେଦିନର ସମସ୍ତ କାର୍ଯ୍ୟ ଓଡ଼ିଆ ଭାଷାରେ ନିର୍ଦ୍ଧାରଣ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ । ନିଜର ଇଂରାଜୀ ଭାଷାରେ ଭାଷଣ ଦେବାର ଦକ୍ଷତା ଥିବା ସତ୍ତ୍ୱେ ସେ ମଧ୍ୟ ଓଡ଼ିଆ ଭାଷାରେ ଭାଷଣ ଦେଇଥିଲେ ।

ଓଡ଼ିଆ ଭାଷାକୁ ସରାକରୀ ଭାଷା ରୂପେ ଗ୍ରହଣ କରିବା ପ୍ରୟାସରେ ସେ ଥିଲେ ପ୍ରଥମ ଓ ଅଗ୍ରଗଣ୍ୟ ମହିଳା ।

ଓଡ଼ିଶାର ସର୍ବାଙ୍ଗୀନ ଉନ୍ନତି ତାଙ୍କର ଲକ୍ଷ୍ୟ ଥିଲା । ଉତ୍କଳ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ବିଲ୍ ଓ ଓଡ଼ିଶା ହାଇକୋର୍ଟ ପ୍ରତିଷ୍ଠା ବିଲ୍ ପ୍ରଭୃତି ପାସ୍ କରାଇବା ପାଇଁ ସେ ବିଧାନ ସଭାରେ ଦୃଢ଼ ଦାବି କରିଥିଲେ । ନାରୀ ଶିକ୍ଷାର ପ୍ରସାର ପାଇଁ ଓଡ଼ିଶାର ପ୍ରତି ଡିଭିଜନରେ ଅନ୍ତତଃ ଗୋଟିଏ ଲେଖାଏଁ ବାଳିକା ବିଦ୍ୟାଳୟ ପ୍ରତିଷ୍ଠା କରିବା ଲାଗି ସରକାରଙ୍କ ସାଙ୍ଗରେ ଲଢ଼େଇ କରି ସେ ସଫଳ ହୋଇଥିଲେ ।

୧୯୩୯ ମସିହା ସେପ୍ଟେମ୍ବର ମାସରେ ବିଶ୍ୱଯୁଦ୍ଧ ଆରମ୍ଭ ହେଲା । ବ୍ରିଟିଶ୍ ସରକାର ଭାରତ ବର୍ଷର ଜନମତକୁ ଖାତିର ନ କରି ଭାରତକୁ ଯୁଦ୍ଧରେ ସାମିଲ କରିଦେଲେ । ଏ ସଂକ୍ରାନ୍ତରେ ସରକାରଙ୍କ ସାଙ୍ଗେ ମତଭେଦ ହେବା ଫଳରେ କଂଗ୍ରେସ ମନ୍ତ୍ରିମଣ୍ଡଳ ଇସ୍ତଫା ଦେଇଦେଲେ । ସେତେବେଳେ ପାରଳାର ଗଜପତିଙ୍କ ନେତୃତ୍ୱରେ ଏକ ଅଣକଂଗ୍ରେସ ମନ୍ତ୍ରିମଣ୍ଡଳ ଗଠିତ ହେଲା । ସରଳା ଦେବୀ ସେହି ମନ୍ତ୍ରିମଣ୍ଡଳରେ ଯୋଗ ଦେଲେ । ତାଙ୍କର ସ୍ୱାମୀ ଭାଗୀରଥି ମହାପାତ୍ର ସେତେବେଳେ ଜଣେ ଟାଣୁଆ କଂଗ୍ରେସ ନେତା ଥିଲେ । ତା ସତ୍ତ୍ୱେ ସରଳା ଦେବୀ ଅଣ

Digitized by srujanika@gmail.com

କଂଗ୍ରେସ ମନ୍ତ୍ରିମଣ୍ଡଳକୁ ସମର୍ଥନ କରିବାକୁ ଉଚିତ୍ ମନେ କରିଥିଲେ । ତଦ୍ୱାରା ତାଙ୍କ ବୈବାହିକ ଜୀବନରେ କୌଣସି ମନାନ୍ତର ହୋଇ ନ ଥିଲା । କାରଣ ଭାଗୀରଥି ମହାପାତ୍ର ଅତ୍ୟନ୍ତ ସ୍ୱାଧୀନଚେତା ବ୍ୟକ୍ତି ଥିଲେ । ସ୍ତ୍ରୀ ଉପରେ ନିଜର ରାଜନୈତିକ ମତ ସେ ଜୋର୍ କରି ଚାପି ଦେବାକୁ ଚାହୁଁ ନ ଥିଲେ । ସ୍ତ୍ରୀ ନିଜ ସ୍ୱତନ୍ତ୍ର ବିବେକ ବୁଦ୍ଧିରେ ଯାହା କରିବାକୁ ଚାହାନ୍ତି ତାହା କରନ୍ତୁ - ଏହାହିଁ ଥିଲା ତାଙ୍କର ଆଭିମୁଖ୍ୟ । କିନ୍ତୁ ଏହି ଘଟଣା ପରେ ସରଳା ଦେବୀ କଂଗ୍ରେସଠାରୁ ଦୂରେଇ ଗଲା ଭଳି ଅନୁଭୂତ ହେଲା । କାରଣ ପାରଳା ମନ୍ତ୍ରିମଣ୍ଡଳ ବିଧାନ ସଭାରେ ନାରୀର ସମ୍ପତ୍ତିରେ ଅଧିକାର ବିଲ୍ ଆଗତ କରିଥିବା ବେଳେ କଂଗ୍ରେସ ବିଧାୟକ ଦଳ ସରଳା ଦେବୀଙ୍କୁ ବିଧାନ ସଭା ଛାଡ଼ି ଆସିବାକୁ ନିର୍ଦ୍ଦେଶ ଦେଇଥିଲେ । ସେ ସମୟରେ ସେ ବିଧାନ ସଭାରେ ଯୋଗ ଦେଇ ନ ଥିଲେ ସେହି ନାରୀ ମଙ୍ଗଳ ବିଲ୍ ଗୃହୀତ ହୋଇ ପାରି ନ ଥାନ୍ତା । କଂଗ୍ରେସ ଦଳର ନିର୍ଦ୍ଦେଶ ଅମାନ୍ୟ କରି ସେ ବିଧାନ ସଭାରେ ଯୋଗ ଦେଇଥିବା ହେତୁ କଂଗ୍ରେସ କର୍ତ୍ତୃପକ୍ଷ ତାଙ୍କୁ ଭର୍ତ୍ସନା କରିଥିଲେ ।

ରାଜନୈତିକ ଜୀବନ ବାହାରେ ସମୟ ପାଇଲେ ସେ ସାହିତ୍ୟ ଚର୍ଚ୍ଚା ଓ ମହିଳାମାନଙ୍କ ପ୍ରତି ଅନ୍ୟାୟର ପ୍ରତିକାର କାର୍ଯ୍ୟରେ ଅଧିକ ମନଯୋଗ ଦେଉଥିଲେ । ପତି-ପରିତ୍ୟକ୍ତା ବହୁ ମହିଳାଙ୍କ ଖୋରାକ ପୋଷାକ ପାଇଁ ସେ ସେମାନଙ୍କୁ ନ୍ୟାୟାଳୟର ଆଶ୍ରୟ ନେବାକୁ ପ୍ରବର୍ତ୍ତାଉଥିଲେ । ସେହି କାର୍ଯ୍ୟରେ ସେ ଅର୍ଥ, ଶକ୍ତି ଓ ସମୟ ମଧ୍ୟ ବ୍ୟୟ କରୁଥିଲେ ।

Digitized by srujanika@gmail.com

ଓଡ଼ିଶାରେ ଯେତେବେଳେ ସମବାୟ ଆନ୍ଦୋଳନର ସୂତ୍ରପାତ ହେଲା, ସରଳା ଦେବୀ ସେଥିରେ ଯୋଗ ଦେଇ ଏହି ଆନ୍ଦୋଳନକୁ ସଫଳ କରିବା ପାଇଁ ଚେଷ୍ଟା କରିଥିଲେ । ତାଙ୍କର ଏହି ପ୍ରଶଂସନୀୟ କାର୍ଯ୍ୟ ଯୋଗୁଁ ସେ ସମବାୟ ବ୍ୟାଙ୍କ୍‌ର ନିର୍ଦ୍ଦେଶକ ମଧ୍ୟ ହୋଇଥିଲେ । ତେଣୁ ସେ ଥିଲେ ଓଡ଼ିଶାର ପ୍ରଥମ ମହିଳା ବ୍ୟାଙ୍କ୍ ଡିରେକ୍ଟର ।

ଏହିପରି ଭାବରେ କଟକ ସଦର ଲୋକାଲ୍ ବୋର୍ଡ଼ର ସଦସ୍ୟା, ନାରୀ ମଙ୍ଗଳ ସମିତିର ଅଧ୍ୟକ୍ଷା, ଉତ୍କଳ ସମ୍ମିଳନୀର ସଦସ୍ୟା, ନିଖିଳ ଉତ୍କଳ ପରିତ୍ୟକ୍ତ ଅଞ୍ଚଳ ସମିତିର ଓଡ଼ିଶା ପକ୍ଷରୁ ପ୍ରତିନିଧି ଆଦି ପଦ ଗ୍ରହଣ କରିବାରେ ସେ ହେଉଛନ୍ତି ପ୍ରଥମ ମହିଳା । ଉତ୍କଳ ସାହିତ୍ୟ ସମାଜରେ ମଧ୍ୟ ସେ ହେଉଛନ୍ତି ପ୍ରଥମ ମହିଳା କର୍ମକର୍ତ୍ତା । ଏହିପରି ଭାବରେ ତାଙ୍କ ଜୀବନ କାଳ ମଧ୍ୟରେ ସେ ପ୍ରମାଣ କରିବାକୁ ପ୍ରୟାସ କରିଥିଲେ ଯେ, ଘର ଚଳାଇବା ଦାୟିତ୍ୱ ତୁଲାଇବା ସଙ୍ଗେ ସଙ୍ଗେ ନାରୀ ସମାଜ ଓ ରାଷ୍ଟ୍ର ପରିଚାଳନା ଦାୟିତ୍ୱ ତୁଲାଇବାକୁ ମଧ୍ୟ ସମର୍ଥ ।

ସରଳାଙ୍କ ସାହିତ୍ୟ ସାଧନା

ସରଳା ଦେବୀଙ୍କ ଭିତରେ ସୃଜନଶୀଳ ସାହିତ୍ୟ ପ୍ରତିଭା ପୂରି ରହିଥିଲା । ଅଳକା ଆଶ୍ରମରୁ ପ୍ରକାଶିତ ହାତଲେଖା 'ଅଳକା'ଠାରୁ ଆରମ୍ଭ କରି 'ସହକାର', 'ନବଭାରତ' ଇତ୍ୟାଦି ଓଡ଼ିଶାର ବିଶିଷ୍ଟ ପତ୍ର ପତ୍ରିକାରେ ତାଙ୍କର ଲେଖାମାନ ପ୍ରକାଶ ପାଉଥିଲା । ଲୋକଙ୍କୁ ସଚେତନ

Digitized by srujanika@gmail.com

କରିବାର ଆବଶ୍ୟକତା ଉପଲବ୍ଧି କରି ଲୋକ ଶିକ୍ଷା ଉଦ୍ଦେଶ୍ୟରେ ଗାଁବାଲାଙ୍କ କଥା, ନାରୀର ଆଇନଗତ ଅଧିକାର ଆଦି ବିଷୟରେ ଛୋଟିଆ ଛୋଟିଆ ପୁସ୍ତିକା ରଚନା କରି ତାହାର ପ୍ରଚାରରେ ସେ ମନ ଦେଇଥିଲେ । 'ହିନ୍ଦୁସ୍ଥାନ ଗ୍ରନ୍ଥମାଳା' ନାମକ ସଂସ୍ଥା ସ୍ଥାପନ କରି ସେ ତା'ର ସଂପାଦିକା ହୋଇଥିଲେ । ନାରୀର ଆର୍ଥିକ ଅବସ୍ଥା ବିଷୟରେ ତାଙ୍କର ଗବେଷଣାପୂର୍ଣ୍ଣ ଭାଷଣ ଓ ରଚନା ସେତେବେଳେ ସମାଜ ମଧ୍ୟରେ ଏକ ଆଲୋଡ଼ନ ସୃଷ୍ଟି କରିଥିଲା । ଶିକ୍ଷିତ ଲୋକେ ସୁଦ୍ଧା ସଭାସମିତିରେ ତାଙ୍କର ଏ ବିଚାରର ଘୋର ବିରୋଧ କରୁଥିଲେ । ମାତ୍ର ସେ ସେଥିରେ ହତୋତ୍ସାହିତ ନ ହୋଇ ଓଡ଼ିଶାର ବିଭିନ୍ନ ଅଞ୍ଚଳରେ ସଭା ସମିତି କରି ଲୋକମତ ସୃଷ୍ଟି କରିବାର ପ୍ରୟାସ କରିଥିଲେ । ସେ

Digitized by srujanika@gmail.com

'ସବିତା' ନାମକ ଗୋଟିଏ ପତ୍ରିକାର ସଂପାଦନା କରିବା ସଙ୍ଗେ ସଙ୍ଗେ ତା' ମାଧ୍ୟମରେ ନିଜର ମତାମତ ପ୍ରକାଶ କରୁଥିଲେ ।

୧୯୩୪ ମସିହାରେ 'ଭାରତୀୟ ମହିଳା ପ୍ରସଙ୍ଗ' ନାମରେ ତାଙ୍କର ଏକ ପ୍ରବନ୍ଧ ପୁସ୍ତକ ହିନ୍ଦୁସ୍ଥାନ ସାହିତ୍ୟ ମନ୍ଦିର ପ୍ରକାଶ କରିଥିଲା । ଏହି ଗ୍ରନ୍ଥରେ ବାଲ୍ୟ ବିବାହ, ବିଧବା ବିବାହ, ପରଦା ପ୍ରଥା, ସମାଜରେ ନାରୀର ସ୍ଥାନ ପ୍ରଭୃତି ପ୍ରବନ୍ଧ ସ୍ଥାନ ପାଇଥିଲା । ସେହି ବର୍ଷ 'ନାରୀ ଜଗତ' ନାମକ ଆଉ ଏକ ପ୍ରବନ୍ଧ ଗ୍ରନ୍ଥ ମଧ୍ୟ ହିନ୍ଦୁସ୍ଥାନ ସାହିତ୍ୟ ମନ୍ଦିର ପ୍ରକାଶ କରିଥିଲେ । ଏଥିରେ ସରଳା ଦେବୀ ତୁର୍କୀ, ପାରସ୍ୟ, ରୁଷିଆ, ସ୍ପେନ୍, ପାଲେଷ୍ଟାଇନ୍, ମିଶର, ଆମେରିକା, ଇଂଲଣ୍ଡ, ଚୀନ୍, ଇଟାଲୀ ଓ ଭାରତ ବର୍ଷ ପ୍ରଭୃତି ଦେଶରେ ଦେଖା ଦେଇଥିବା ନାରୀ ଜାଗରଣ ବିଷୟରେ ଆଲୋଚନା କରିଥିଲେ ।

୧୯୫୮ ମସିହାରେ 'ବିଶ୍ୱ ବିପ୍ଳବିଣୀ' ନାମରେ ତାଙ୍କର ଏକ ପୁସ୍ତକ କଟକ ପବ୍ଲିସିଂ ହାଉସ୍ ପ୍ରକାଶ କରିଥିଲା । ଏଥିରେ ବିଶ୍ୱ ତଥା ଭାରତ ବର୍ଷର ବିପ୍ଳବିଣୀ ନାରୀମାନଙ୍କ ଜୀବନ କାହାଣୀ ସଂକ୍ଷେପରେ ପ୍ରକାଶ କରାଯାଇଥିଲା । ଏହାଛଡ଼ା ସେ 'ଉତ୍କଳର ନାରୀ ସମସ୍ୟା', 'ନାରୀର ଦାବି' ଓ 'ବୀର ରମଣୀ' ପ୍ରଭୃତି ପୁସ୍ତକ ରଚନା କରି ଭାରତୀୟ ନାରୀମାନଙ୍କର ବିଭିନ୍ନ ସମସ୍ୟା ବିଶ୍ୱ ପ୍ରେକ୍ଷାପଟରେ ଉପସ୍ଥାପିତ କରିଥିଲେ ।

ନାରୀମାନଙ୍କ ବିଭିନ୍ନ ସମସ୍ୟା ବ୍ୟତୀତ 'ରାୟ ରାମାନନ୍ଦ' ଓ 'ସାରଳା ମହାଭାରତରେ ନାରୀ ଚରିତ୍ର' ପ୍ରଭୃତି ଗବେଷଣାତ୍ମକ ସାହିତ୍ୟ

Digitized by srujanika@gmail.com

ଗ୍ରନ୍ଥ ମଧ୍ୟ ସେ ରଚନା କରିଥିଲେ । ତାଙ୍କର ଆଉ ଏକ ଉଲ୍ଲେଖ ଯୋଗ୍ୟ ଗ୍ରନ୍ଥ ହେଉଛି 'ବାସନ୍ତୀ' ଉପନ୍ୟାସ । ଏ ଉପନ୍ୟାସ ଏକାକିନୀ ସେ ଲେଖିନାହାନ୍ତି । ଏହା କେତେକ ଲେଖକ ଲେଖିକାଙ୍କର ମିଳିତ ସୃଷ୍ଟି । ଅନ୍ନଦା ଶଙ୍କର ରାୟ, କାଳିନ୍ଦୀ ଚରଣ ପାଣିଗ୍ରାହୀଙ୍କଠାରୁ ଆରମ୍ଭ କରି ହରିହର ମହାପାତ୍ର, ବୈଷ୍ଣବ ଚରଣ ଦାସ, ସୁପ୍ରଭା ଦେବୀ ଓ ପ୍ରତିଭା ଦେବୀ ପ୍ରମୁଖ ବହୁ ଖ୍ୟାତନାମା ଲେଖକ ଲେଖିକା ଏ ଉପନ୍ୟାସର ବିଭିନ୍ନ ପରିଚ୍ଛେଦ ଲେଖିଥିଲେ । କିନ୍ତୁ ସରଳା ଦେବୀ ଏହି ଉପନ୍ୟାସର ଏକାଧିକ ପରିଚ୍ଛେଦ ସ୍ୱନାମ ଓ ଛଦ୍ମନାମରେ ରଚନା କରିଥିଲେ । ଏହି ଉପନ୍ୟାସର ନାୟିକା ବାସନ୍ତୀର ପ୍ରଗତିଶୀଳ ଚରିତ୍ର ଚିତ୍ରଣ କରିବାରେ ତାଙ୍କର ସେଇ କେତୋଟି ରଚିତ ପରିଚ୍ଛେଦ ବିଶେଷ ସହାୟତା କରିଥିଲା ।

ଶେଷ ଜୀବନ

ସରଳା ଦେବୀ ପ୍ରାୟ ୯ ବର୍ଷ କାଳ ବିଧାନ ସଭାରେ ରହି ବିଭିନ୍ନ ପ୍ରଗତିଶୀଳ ଆଇନ୍ ପାସ୍ କରିବାରେ ସହାୟତା କରିଥିଲେ । କିଛିଦିନ ବିଧାନ ସଭାରେ କଂଗ୍ରେସ ଦଳର ମୁଖ୍ୟ ସଚେତକ ମଧ୍ୟ ଥିଲେ । ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଓ ପଣ୍ଡିତ ଜବାହର ଲାଲ ନେହେରୁଙ୍କ ଦ୍ୱାରା ଗଠିତ ନ୍ୟାସନାଲ୍ ପ୍ଲାନିଙ୍ଗ୍ କମିଟିର ସଦସ୍ୟା ରହି ଓଡ଼ିଶାର ମଙ୍ଗଳ ପାଇଁ ଅନେକ ଗୁଡ଼ିଏ ପ୍ରସ୍ତାବ କାର୍ଯ୍ୟକାରୀ କରିଥିଲେ ।

ଦ୍ୱିତୀୟ ବିଶ୍ୱଯୁଦ୍ଧ ବେଳେ ୧୯୪୧ ମସିହାରେ କଂଗ୍ରେସ ତରଫରୁ ଯେଉଁ ବ୍ୟକ୍ତିଗତ ସତ୍ୟାଗ୍ରହ ଆରମ୍ଭ ହୋଇଥିଲା, ଓଡ଼ିଶାରୁ ଗାନ୍ଧିଜୀ

Digitized by srujanika@gmail.com

ସରଳା ଦେବୀଙ୍କୁ ତାହାର ପ୍ରଥମ ସତ୍ୟାଗ୍ରହୀ ରୂପେ ବାଛିଥିଲେ । ସେ ଯୁଦ୍ଧ ବିରୋଧୀ ଧ୍ୱନି ଦେଇ ଛଅ ମାସ କାରାବରଣ କରିଥିଲେ । ୧୯୫୫ ମସିହା ସୀମା ଆନ୍ଦୋଳନ ଓ ୧୯୫୮ ମସିହା ଛାତ୍ର ଆନ୍ଦୋଳନରେ ସେ ପ୍ରତ୍ୟକ୍ଷ ଅଂଶ ଗ୍ରହଣ କରିଥିଲେ ।

୧୯୮୬ ମସିହା ଅକ୍ଟୋବର ୪ ତାରଖ ଦିନ ୮୨ ବର୍ଷ ବୟସରେ ସରଳା ଦେବୀଙ୍କର ପରଲୋକ ହୋଇଯାଇଥିଲା । ଓଡ଼ିଶାର ନାରୀ ଆନ୍ଦୋଳନର କର୍ଣ୍ଣଧାର, ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ, ବରେଣ୍ୟ ଲେଖିକା ସରଳା ଦେବୀଙ୍କ ମୃତ୍ୟୁରେ ଉତ୍କଳ ଜନନୀ ହରାଇଲା ତା'ର ଜଣେ ସୁଯୋଗ୍ୟା କନ୍ୟା ।

***

Digitized by srujanika@gmail.com

Digitized by srujanika@gmail.com